


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ସଂଗ୍ରହ କରନ୍ତୁ
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net



ବାଲେଶ୍ୱର ❑ ମଙ୍ଗଳବାର ୨୫ ମାର୍ଚ୍ଚ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 25 MARCH 2025

Vol.No. 36 ■ No.79 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


# ବିରତି ଭିତରେ ଯୁଦ୍ଧର ତାତି

ନୂଆଦିଲ୍ଲୀ, ୨୪/୩ : ୪ଦିନରେ ରୁଷ, ୟୁକ୍ରେନ ପରସ୍ପର ଉପରେ ୩ଥର ଆକ୍ରମଣ ଓ ପ୍ରତିଆକ୍ରମଣ ଏକଥା ସୂଚାଉଛି କି ଯୁଦ୍ଧ ରୋକିବାକୁ ଆମେରିକାର ପ୍ରୟାସରେ ହୁଏତ ବିଶେଷ ଫଳପ୍ରଦ ହୋଇପାରୁନି । ସାଉଦିଆରବରେ ଯୁଦ୍ଧ ବିରାମ ପାଇଁ ବୈଠକକୁ ୧୦ଦିନ ନୁପୁରୁଣ ୟୁକ୍ରେନ ଓ ରୁଷ ପରସ୍ପର ଉପରେ ଆକ୍ରମଣ ଓ ପାଲଟା ଆକ୍ରମଣ ଜାରି ରଖିଛନ୍ତି । ଯାହାକି ଆମେରିକା ପାଇଁ ଚିନ୍ତାର ବିଷୟ ପାଲଟିଛି । ରବିବାର ଆମେରିକା ଓ ୟୁକ୍ରେନ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନାର କିଛି ଘଣ୍ଟା ପରେ ୟୁକ୍ରେନ ଉପରେ ଶକ୍ତି ପ୍ରଦର୍ଶନ କରିଥିଲା ମସ୍କୋ ।



୮ଟି ସ୍ଥାନରେ ଡ୍ରୋନ ଆକ୍ରମଣ କରି ୮ଜଣ ନିରୀହ ଲୋକଙ୍କୁ ମାରିଛି କ୍ରେମଲିନ । ଏହା ପରେ ସୋମବାର ରୁଷ ସହ ଆମେରିକା ବୈଠକ ବସିବ ନା ନାହିଁ ଏନେଇ କିଛି ଘଣ୍ଟା ଧରି ଦ୍ୱନ୍ଦ ଦେଖାଯିବା ପରେ ଶେଷରେ ଆଲୋଚନା ହୋଇଛି କିନ୍ତୁ ସାଉଦି ଆରବ ରାଜଧାନୀ ରିଆଦ ବୈଠକରୁ କୌଣସି ନିଷ୍କର୍ଷ ବାହାରିପାରିନି । ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ଉଭୟ ରୁଷ ଓ ୟୁକ୍ରେନ ମଧ୍ୟରେ ବୁଝାମଣା କରିବାକୁ ଆଗେଇ ଆସିଛି । ଆଲୋଚନା ପରେ ଆଲୋଚନା ଚାଲିଛି, ଯୁଦ୍ଧକୁ କେମିତି ରୋକାଯିବ ମାରାଥନ ବୈଠକରେ ଗୁରୁତ୍ୱପୂର୍ଣ୍ଣ କଥାବାର୍ତ୍ତା କରାଯାଉଛି । କିନ୍ତୁ ଆଲୋଚନା ଭିତରେ ରୁଷ-ୟୁକ୍ରେନ ପରସ୍ପରକୁ ନାଲି ଆଖି ଦେଖାଇବା ଯୁଦ୍ଧ ବନ୍ଦ ଓ ବିରାମ ଆଲୋଚନା ଉପରେ ବଡ ପ୍ରଭାବ ପକାଉଛି । ହୁଏତ ଆମେରିକାର ପ୍ରୟାସକୁ ପାଣିଚିଆ କରିପାରେ ପୁଟିନ ଓ ଜେଲେନସ୍କିଙ୍କ ପ୍ରତିଶୋଧ ପରାୟଣ ମନୋବୃତ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା: ଖୁବଶୀଘ୍ର ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ମିଳିବ ଟଙ୍କା

ଭୁବନେଶ୍ୱର, ୨୪/୩ (ନି.ପ୍ର): ଖୁବଶୀଘ୍ର ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ମିଳିବ ଟଙ୍କା । ଚିଟଫଣ୍ଡ ଟଙ୍କା ଫେରସ୍ତ ନେଇ ରାଜ୍ୟ ସରକାର ନୂଆ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରୁଛନ୍ତି । ଆଜି ବିଧାନସଭାରେ ଏନେଇ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି, ''ନୂଆ ସରକାର ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ସରଳୀକରଣ କରିବେ । ଏଥିପାଇଁ ନୂଆ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରୁଛୁ। ଏଯାବତ ୯୬ ହଜାର ୪୭୪ କ୍ଷତିଗ୍ରସ୍ତଙ୍କୁ ୪୫ କୋଟି ୯୬ ଲକ୍ଷ ଫେରସ୍ତ ହୋଇଛି । ଅବଶିଷ୍ଟ ଜମାକାରୀଙ୍କୁ ଫେରସ୍ତ ପାଇଁ ତ୍ୱରିତ



ପଦକ୍ଷେପ ନିଆଯାଉଛି ।'' ନିର୍ବାଚନ ପୂର୍ବରୁ ବିଜେପି ସରକାରକୁ ଆସିଲେ ଦେଢ ବର୍ଷ ଭିତରେ ଚିଟ୍‌ଫଣ୍ଡ କ୍ଷତିପୂରଣ ମିଳିବ ବୋଲି ଘୋଷଣା କରିଥିଲା । ଦଳ କ୍ଷମତାକୁ ଆସିବା ପରେ ନିଜ ପ୍ରତିଶ୍ରୁତି ଅନୁଯାୟୀ ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ▶▶ପୃଷ୍ଠା ୭

# ଦୁର୍ନୀତିଖୋରଙ୍କୁ ସରକାରୀ ଛାଟ: ୫ ବର୍ଷରେ ୧୫୯ ବାବୁ ବିଦା

ଭୁବନେଶ୍ୱର, ୨୪/୩ (ନି.ପ୍ର): ଦୁର୍ନୀତି କଲେ କଡ଼ା କାର୍ଯ୍ୟାନୁଷ୍ଠାନ । ଚାକିରିରୁ ବିଦା ହେବେ ସରକାରୀ ବାବୁ । ଦୁର୍ନୀତି ଓ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗତ ୫ ବର୍ଷରେ ଚାକିରି ହରାଇଛନ୍ତି ୧୫୯ ଜଣ ସରକାରୀ ଅଧିକାରୀ । ୧୨୦ ଜଣ ସରକାରୀ ଅଫିସର ଓ କର୍ମଚାରୀମାନଙ୍କୁ ଚାକିରିରୁ ବରଖାସ୍ତ କରାଯାଇଛି । ୩୯ ଜଣଙ୍କୁ ଦିଆଯାଇଛି ବାଧ୍ୟତାମୂଳକ ଅବସର । ସେମାନଙ୍କଠାରୁ ଜବତ ହୋଇଛି ୫୯ କୋଟି ୪୭ ଲକ୍ଷ ୮୪ ହଜାର ୯୮୧ ଟଙ୍କା । ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସେହିପରି ଆଉ ଏକ ଲିଖିତ ପ୍ରଶ୍ନରେ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ୨୦୧୪ରୁ ଫେବୃଆରୀ ୨୦୨୫ ପର୍ଯ୍ୟନ୍ତ ଭିଜିଲାନ୍ସରେ ୩୬୨୩ ଦୁର୍ନୀତି ନିବାରଣ ମାମଲା ପଞ୍ଜୀକରଣ ହୋଇଛି । ସେଥିମଧ୍ୟରୁ ୨୫୫୩ ମାମଲା ଫଇସଲା ହୋଇଛି । ୯୩୯ ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ୧୦୫୩ଟି ମାମଲାରେ ଅଭିଯୁକ୍ତ ଦୋଷ ମୁକ୍ତ ହୋଇଛନ୍ତି । ବିଧାନସଭାରେ ଲିଖିତ ଉତ୍ତର ରଖିଲେ ମୁଖ୍ୟମନ୍ତ୍ରୀ ମୋହନ ▶▶ପୃଷ୍ଠା ୭

# ଫିଲ୍ମ ଷ୍ଟାଇଲ୍‌ରେ ମଦ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ: ମଦ ମାଫିଆ ଛାନିଆ

ଆଠଗଡ, ୨୪/୩ (ନି.ପ୍ର): ଏହି ଘଟଣା ଆଠଗଡ ଅଞ୍ଚଳରେ ଅନ୍ଧାର ରାତିରେ ଘଟିଥିଲା । ବାଙ୍କି ଓ ଆଠଗଡ ଅବକାରୀ ବିଭାଗର ଟିମ୍ କଳାପଥରରୁ ନୟାଗଡ ଆଡକୁ ଯାଉଥିବା ପିକଅପ ଭ୍ୟାନକୁ ଗୋଡ଼େଇ ୪୫୫ ଲିଟର ଚୋରା ଦେଶୀ ମଦ ଜବତ କରିବା ସହ ମାମଲା ରୁଜୁ କରିଛି। ▶▶ପୃଷ୍ଠା ୭



# ନବ ଦାସ ହତ୍ୟା ମାମଲା : ଆଜି ଅଭିଯୁକ୍ତ ଗୋପାଳଙ୍କୁ ଜେରା କରିପାରେ କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର, ୨୪/୩ (ନି.ପ୍ର): ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ଆଜି ଗୋପାଳ ଦାସଙ୍କୁ ପଚରାଉଚରା କରିପାରେ କ୍ରାଇମ୍‌ବ୍ରାଞ୍ଚ । ଚୌଦ୍ୱାର ଜେଲରେ ରହିଥିବା ଗୋପାଳଙ୍କୁ କ୍ରାଇମ୍‌ବ୍ରାଞ୍ଚ ପଚରାଉଚରା କରିପାରେ । ଝାରସୁଗୁଡ଼ାରେ ୫ ଦିନ ରହି ତଦନ୍ତ କରିବା ପରେ ଫେରିଛି କ୍ରାଇମ୍‌ବ୍ରାଞ୍ଚ ଟିମ୍ । ୫ ଦିନ ଭିତରେ ୧୪ରୁ ୧୫ ଜଣଙ୍କ ବୟାନ ରେକର୍ଡ କରାଯାଇଥିବା କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି । ପ୍ରଥମେ ନବ ଦାସଙ୍କ ଘରକୁ ଯାଇ ଝିଅ ଦୀପାଳି ଦାସ ଓ ପୁଅ ବିଶାଳ ଦାସଙ୍କ ବୟାନ ରେକର୍ଡ କରାଯାଇଥିଲା । ଏହା ପରେ ବିମାନବନ୍ଦର କର୍ମଚାରୀ, ହସ୍ପିଟାଲରେ ଡାକ୍ତର ଓ ପାରା ମେଡିକାଲ ଷ୍ଟାଫଙ୍କ ବୟାନ ରେକର୍ଡ କରାଯାଇଛି । ଶନିବାର ସରୋଜ ସା' ଓ ଜୀବନ ନାୟକଙ୍କୁ ଜେରା କରାଯାଇଥିଲା। ▶▶ପୃଷ୍ଠା ୭

# ସାଂସଦମାନଙ୍କ ଦରମା ବୃଦ୍ଧି: ଏକ ଲକ୍ଷରୁ ବଢ଼ି ହେଲା ଏକ ଲକ୍ଷ ୨୪ ହଜାର

ନୂଆଦିଲ୍ଲୀ, ୨୪/୩ : ବଢ଼ିଲା ସାଂସଦଙ୍କ ଦରମା । ୨୪ ହଜାର ବଢ଼ିଲା ସାଂସଦଙ୍କ ଦରମା । ମାସିକ ଦରମା ୧ ଲକ୍ଷରୁ ବୃଦ୍ଧି ହୋଇ ଦରମା ୧ ଲକ୍ଷ ୨୪ ହଜାର କରାଯାଇଛି । ଉଭୟ ଲୋକସଭା ଓ ରାଜ୍ୟସଭା ସାଂସଦଙ୍କ କ୍ଷେତ୍ରରେ ଏହା ଲାଗୁ ହେବ। ସଂସଦୀୟ ବ୍ୟାପର ମନ୍ତ୍ରଣାଳୟ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବର୍ଦ୍ଧିତ ଦରମା ଗତ ଏପ୍ରିଲ ୨୦୨୩ ତାରିଖରୁ ଲାଗୁ କରାଯିବ। ଏଥିସହ ଦୈନିକ ଭତ୍ତା ୨ ହଜାର ଟଙ୍କାରୁ ଅଢେଇ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇଛି । ସେହିପରି ପୂର୍ବତନ ସାଂସଦ ମାନଙ୍କ ପ୍ରଦାନ କରାଯାଉଥିବା ପେନ୍?ସନ ମଧ ବୃଦ୍ଧି ହୋଇଛି । ପୂର୍ବତନ ସାଂସଦଙ୍କ ପେନ୍‌ସନ ମାସିକ ୨୫ ହଜାର ଟଙ୍କାରୁ ୩୧ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ବାର୍ଷିକ ଅତିରିକ୍ତ ପେନ୍‌ସନ ୨ ହଜାରରୁ ଅଢେଇ ହଜାରକୁ ବୃଦ୍ଧି କରାଯାଇଛି । ▶▶ପୃଷ୍ଠା ୭

# ନୀଳମାଧବଙ୍କ ଦର୍ଶନ କଲେ ମହାମହିମ ରାଷ୍ଟ୍ରପତି



କଣ୍ଟିଲୋ ନୀଳମାଧବଙ୍କ ଦର୍ଶନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ତାଙ୍କ ସହ ରାଜ୍ୟପାଳ ହରିବାବୁ କୁମ୍ଭମପତି ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବି ନୀଳମାଧବ ମନ୍ଦିରରେ ପହଞ୍ଚି ଦର୍ଶନ କରିଛନ୍ତି । ରାଷ୍ଟ୍ରପତିଙ୍କ ଦିବ୍ୟ ଦର୍ଶନ ପାଇଁ ସେବାୟତଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରଭୁ ନୀଳମାଧବଙ୍କ ଦର୍ଶନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ସେ ଭୁବନେଶ୍ୱର ବିମାନ ବନ୍ଦରରୁ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ କଣ୍ଟିଲୋ ନୀଳମାଧବ ମନ୍ଦିର ନିକଟସ୍ଥ ହେଲିପ୍ୟାଡରେ ଓହ୍ଲାଇଥିଲେ । ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ହରିବାବୁ କୁମ୍ଭମପତି ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉପସ୍ଥିତ ରହିଥିଲେ । ସେଠାରୁ ନୀଳମାଧବ ମନ୍ଦିରରେ ପହଞ୍ଚି ନୀଳମାଧବଙ୍କ ଦର୍ଶନ କରିଛନ୍ତି ମହାମହିମ । ରାଷ୍ଟ୍ରପତିଙ୍କ ଦିବ୍ୟ ଦର୍ଶନ ପାଇଁ ସେବାୟତଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ନୟାଗଡ଼ ଜିଲ୍ଲା କଣ୍ଟିଲୋରେ ପହଞ୍ଚିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ନୀଳମାଧବଙ୍କ ଦର୍ଶନ ସାରି ରାଷ୍ଟ୍ରପତି ମୁର୍ମୁ କାଳିଆପଲ୍ଲୀଠାରେ ଭାରତୀୟ ବିଶ୍ୱାବସୁ ସମାଜ ଫାଉଣ୍ଡେସନ ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି । ସେ ପ୍ରଥମେ ବିଶ୍ୱାବସୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମହାଯଜ୍ଞରେ ସାମିଲ ହୋଇଥିଲେ । ଏହାପରେ ବିଶ୍ୱାବସୁ ଶବର ସମାଜ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ମହାମହିମଙ୍କ ସହିତ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବାଚସ୍ପତି, ସ୍ଥାନୀୟ ବିଧାୟକ ସାମିଲ୍ ଅଛନ୍ତି । ▶▶ପୃଷ୍ଠା ୭

# ଅପରିବର୍ତ୍ତିତ ରହିଲା ବିଦ୍ୟୁତ ଦର: ୨ କିଲୋ ୱାଟ୍ ଯାଏ ମିଟର ରେଣ୍ଟ୍ ଛାଡ଼

ଭୁବନେଶ୍ୱର, ୨୪/୩ (ନି.ପ୍ର): ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ବଡ଼ ଘୋଷଣା । ଅପରିବର୍ତ୍ତିତ ରହିଲା ବିଦ୍ୟୁତ ଦର । ଏଥିସହ ୨ କିଲୋ ୱାଟ୍ ପର୍ଯ୍ୟନ୍ତ ଆଉ ଦେବାକୁ ପଡିବନି ମିଟର ଭଡ଼ା । ୨ କିଲୋ ୱାଟ୍ ଯାଏ ସ୍ମାର୍ଟ ମିଟର ରେଣ୍ଟ ଛାଡ଼ ହୋଇଛି । ଯେଉଁ ୬୦ ଟଙ୍କା ରେଣ୍ଟ୍ ଚାର୍ଜ ପଡୁଥିଲା, ଆଉ ପଡ଼ିବନି । ସାମ୍ବାଦିକ ସମ୍ମିଳନୀରେ ସାଧାରଣ ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ଏହି ବଡ଼ ଘୋଷଣା କରିଛି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ବା ଓଇଆରସି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଏହି ଛାଡ଼ ହୋଇଥିବା




ଓଇଆରସି ପକ୍ଷରୁ ସୂଚନା ଦିଆଯାଇଛି । ତେବେ ୨ କିଲୋୱାଟ୍ ଟପିଲେ ମିଟର ରେଣ୍ଟ ଚାର୍ଜ ଦେବାକୁ ପଡ଼ିବ । ଓଇଆରସି ଘୋଷଣା କରିଛି ଯେ, ଡିଜିଟାଲ୍ ପେମେଣ୍ଟରେ ୪ ପ୍ରତିଶତ ରିହାତି ବଳବତ୍ତର ରହିବ । ପ୍ରିପେଡ୍ ବିଲ୍ ପେମେଣ୍ଟ କଲେ ୪ ପ୍ରତିଶତ ରିହାତି ମିଳିବ । ୨ କିଲୋ ୱାଟ୍ ପର୍ଯ୍ୟନ୍ତ ସ୍ମାର୍ଟ ମିଟର ରେଣ୍ଟ ଚାର୍ଜ ଦେବାକୁ ପଡିବନି । ଏଥିସହ ବିଦ୍ୟୁତ ଟାରିଫ୍ ଅପରିବର୍ତ୍ତିତ ରଖିଛି । ୨୦୨୧-୨୨ ପରଠାରୁ ବିଦ୍ୟୁତ ଟାରିଫ୍ ବୃଦ୍ଧି କରାଯାଇନି । ଭୁବନେଶ୍ୱରରେ ପ୍ରେସମିଟରେ ଆୟୋଗ ପକ୍ଷରୁ କୁହାଯାଇଛି, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଜୁଳି ଦରକୁ ଅପରିବର୍ତ୍ତିତ ରଖାଯାଇଛି । ଅର୍ଥାତ୍ ପୂର୍ବରୁ ଯେମିତି ପ୍ରଥମ ୫୦ ୟୁନିଟ୍ରୁ ୨ଟଙ୍କା ୯୦ ପଇସା, ୫୧ରୁ ୨୦୦ ୟୁନିଟ୍ ବ୍ୟବହାର ଯାଏଁ ୟୁନିଟ୍ ପିଛା ୪ ଟଙ୍କା ୭୦, ୨୦୧ରୁ ୪୦୦ ୟୁନିଟ୍ ଯାଏଁ ୫ ଟଙ୍କା ୭୦ ଏବଂ ତା ପରଠୁ ଅଧିକ ▶▶ପୃଷ୍ଠା ୭

# ନ୍ୟାୟପାଳିକାରେ ଭ୍ରଷ୍ଟାଚାରର ଦାଗ: ପୂର୍ବରୁ ଭାରତର ବିଚାରପତିଙ୍କ ବିରୋଧରେ ଲାଗିସାରିଛି ଦୁର୍ନୀତିର ଦାଗ

ନୂଆଦିଲ୍ଲୀ, ୨୪/୩ : ଭାରତରେ ୭୫ ବର୍ଷ ଇତିହାସ ମଧ୍ୟରେ ଅନେକ ଏପରି ଘଟଣା ଘଟିଛି । ଯେଉଁ ଘଟଣା ପାଇଁ ନ୍ୟାୟପାଳିକା ନିନ୍ଦିତ ହେବା ସହ ଭ୍ରଷ୍ଟାଚାରର ଆରୋପ ମଧ ଲାଗିସାରିଛି । ଆମେ ଏଇ କଥା ଏଇଥିପାଇଁ କହୁଛୁ ଯେ ନ୍ୟାୟପାଳିକାରେ ଭଷ୍ଟାଚାରର ପୁରୁଣା କଥାକୁ ଦୋହରାଇଛି ନିକଟରେ ଘଟିଥିବା ଦିଲ୍ଲୀ ହାଇକୋର୍ଟ ବିଚାରପତି ଯଶୱନ୍ତ



ବର୍ମାଙ୍କ ଘଟଣା । ବିଚାରପତି ଯଶୱନ୍ତ ବର୍ମାଙ୍କ ବାସଭବନରୁ ପୁଳାପୁଳା ଟଙ୍କା ମିଳିବା ଘଟଣା ପୁଣି ଥରେ ନ୍ୟାୟପାଳିକାକୁ ନିନ୍ଦିତ କରିଛି । ତେବେ ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ବିଚାରପତିଙ୍କ ଏଭଳି କଳାକାରନାମା ଉପରୁ ପରଦା କୌଣସି ତଦନ୍ତକାରୀ ସଂସ୍ଥା ଉଠାଇ ନାହାଁନ୍ତି ବଂର ▶▶ପୃଷ୍ଠା ୭

# ପ୍ରସଙ୍ଗ ପ୍ରବଳ, ବିଧାନସଭା ଅଚଳ: ଶାସକ ଦଳ ଶୁଣିବାକୁ ନାରାଜ, ବିରୋଧୀ ଜିଦରେ ଅଟଳ

ଭୁବନେଶ୍ୱର, ୨୪/୩ (ନି.ପ୍ର): ବିଧାନସଭା ବାରମ୍ବାର ମୁଲତବି ପଛରେ କିଏ ? ମାଳମାଳ ପ୍ରସଙ୍ଗ ଆଲୋଚନା ପୂର୍ବରୁ ସମାଧି ନେଉଛି । ରାଜନୈତିକ ଛକାପଞ୍ଝା ଭିତରେ ଶାସକ-ବିରୋଧୀ ପରସ୍ପରକୁ ଦାୟୀ କରୁଥିବା ବେଳେ ଜନଆକ୍ରୋଶ ଚରମସୀମାରେ ପହଞ୍ଚିଲାଣି । କନକ ନ୍ୟୁଜରେ ଖବର ପ୍ରସାରଣ ପରେ ପରେ ଗୃହକୁ ସ୍ୱାଭାବିକ କରିବାକୁ ଅଣ୍ଟା ଭିଡିଛନ୍ତି ବାଚସ୍ପତି । ତେବେ ସାଧାରଣ ଲୋକ ପ୍ରଶ୍ନ କଲେଣି, ବିଧାୟକ ବାଛି କଣ ଭୁଲ କରିଦେଲୁ କି ? ବିଧାନସଭାରେ ହଙ୍ଗାମା, ହୋହଲ୍ଲା, ନାରାବାଜି କିଛି ନୂଆ ନୁହେଁ । କିନ୍ତୁ ଚଳିତ ଅଧିବେଶନରେ ବିରୋଧୀଙ୍କ ପ୍ରତିବାଦର ତରିକାକୁ ପ୍ରତିହତ କରିବା ଶାସକ ଦଳ ପାଇଁ ସହଜ



ହେଉନାହିଁ । କଂଗ୍ରେସ ପ୍ରଥମ ଦିନରୁ ମହିଳା ସୁରକ୍ଷା ପ୍ରସଙ୍ଗରେ ସରକାରଙ୍କୁ ଘେରୁଛି । କେତେବେଳେ ବିଧାୟକମାନେ ପୋଡିୟମ ଉପରକୁ ଚଢୁଛନ୍ତି ତ ପୁଣି କେତେବେଳେ ଝାଞ୍ଜ, ମୃଦଙ୍ଗ, ତୁରୀ ବଜାଉଛନ୍ତି । ବିଜେଡି ବିଧାୟକ ମଧ ବିରୋଧ ପ୍ରଦର୍ଶନରେ ପଛରେ ରହିବାକୁ ଚାହୁଁନାହାନ୍ତି। ପ୍ରତିଦିନ ନୂଆ ନୂଆ ପ୍ରସଙ୍ଗରେ ଉଭୟ ଗୃହ ଓ ଗୃହ ବାହାରେ ଶାସକ ଦଳକୁ ଅକଳରେ ପକାଉଛନ୍ତି । ପରିଣାମ ହେଲା ବିଧାନସଭା ଚାଲିପାରୁନି, ଗୃହକୁ ମୁଲତବି କରୁଛନ୍ତି ବାଚସ୍ପତି । ବିଧାନସଭାରେ ଲୋକଙ୍କ ସମସ୍ୟା କମ, ବିଧାୟକଙ୍କ ତୁ ତୁ ମେଁ ମେଁ ଅଧିକ ଶୁଣିବାକୁ ମିଳୁଛି । ▶▶ପୃଷ୍ଠା ୭

# ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ବିକଶିତ ଭାରତ ଯୁବ ସଂସଦ ଚୟନ କାର୍ଯ୍ୟକ୍ରମ

ସମ୍ବଲପୁର,୨୪/୩ (ନି.ପ୍ର): ଜାତୀୟ ସେବା ଯୋଜନା ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ନେହେରୁ ଯୁବ କେନ୍ଦ୍ର ସମ୍ବଲପୁରର ମିଳିତ ଆନୁକୁଲ୍ୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ଥିତ ଜୈବ ପ୍ରଯୁକ୍ତି ଓ ଜୈବ ସୂଚନା ବିଭାଗର ସଂପାନ ପ୍ରକୋଷ୍ଠରେ ବିକଶିତ ଭାରତ ଯୁବ ସଂସଦ ପାଇଁ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ ଖେଳ ମନ୍ତ୍ରାଳୟ ତରଫରୁ ନିର୍ଦ୍ଦେଶିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାର ୧୫୦ ଜଣ ମନୋନୀତ ପ୍ରତିଯୋଗୀ ’ଏକ ଦେଶ, ଏକ ନିର୍ବାଚନ’ ବିକଶିତ ଭାରତ ପଥ ପ୍ରଦର୍ଶକ ଉପରେ ତର୍କ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟର ସଂଯୋଜକ ଡ଼ଃ ବୀରେନ୍ଦ୍ର ବେହେରା ଓ ସମ୍ବଲପୁର ନେହେରୁ ଯୁବ କେନ୍ଦ୍ର ଅଧିକାରୀଙ୍କ ଡ଼ଃ ମାରିୟାନାସ୍ ବିଲୁଙ୍ଗଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦଘାଟନୀ ମହାସମାରୋହରେ ମୁଖ୍ୟ ଅତିଥି ରୂପେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ତଥା ସ୍ନାତକୋତର ବିଭାଗର ମୁଖ୍ୟ ପ୍ରୋଫେସର ତୁଷାର କାନ୍ତି ଦାସ, ସମ୍ମାନିତ ଅତିଥି ରୂପେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡକ୍ଟର ନୃପରାଜ ସାହୁ ଯୋଗ ଦେଇ ଭାରତୀୟ ସଂଘୀୟ ବ୍ୟବସ୍ଥାରେ ଯୁବ ସମାଜର ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରି ସ୍ୱେଚ୍ଛାସେବୀମାନଙ୍କୁ ଅଭିପ୍ରେରିତ କରିଥିଲେ। ଏନ୍ ଏସ୍ ଏସ୍ ସଂଯୋଜକ ଡଃ ବୀରେନ୍ଦ୍ର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ବେଲମତି କୁମୁରା ଓ ଅଧ୍ୟାପକ ବିନୋଦ ବିହାରୀ ପୃଷ୍ଟେ ପରିଚାଳନା କରିଥିଲେ । ବିଚାରକ ଭାବରେ ଓଷ୍ଟାର ସଂପାଦକ ରାଜେନ୍ଦ୍ର ପଣ୍ଡା, କଳାପାଣି ମହାବିଦ୍ୟାଳୟର ରାଜନୀତି ବିଜ୍ଞାନର ଅଧ୍ୟାପକ ମୋହନ ସାହୁ, ପରିବେଶ ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡ଼ଃ ସଞ୍ଜୟ କୁମାର ପଟ୍ଟନାୟକ, ଇଂରାଜୀ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ଡ଼ଃ ଏ କେ କୁଲୁ, ରାଜନୀତି ବିଜ୍ଞାନ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ଡ଼ଃ ରୋଷନୀ କୁଜୁର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଉଦ୍ ଯାପନୀ ସମାରୋହ ପାଳିତ ହୋଇଥିଲା। ଉଦ୍ ଯାପନୀ ସମାବେଶରେ ବିଶ୍ୱବିଦ୍ୟାଳୟର ଏନ୍ ଏସ୍ ଏସ୍ ସଂଯୋଜକ ଡଃ ବୀରେନ୍ଦ୍ର ବେହେରା ସ୍ୱାଗତ ଅଭିଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ରୂପେ ଘଣକଝ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀ ବିଲୁଙ୍ଗ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ରୂପେ ପୂର୍ବତନ ଶିକ୍ଷକ ମୋହନ ସାହୁ, କଳାପାଣି ମହାବିଦ୍ୟାଳୟର ରାଜନୀତି ବିଜ୍ଞାନର ଅଧ୍ୟାପକ ମୋହନ ସାହୁ ଏବଂ ପୂର୍ବତନ ପ୍ରୋଫେସର ସଂଜ୍ଞୟ କୁମାର ପଟ୍ଟନାୟକ ଯୋଗ ଦେଇ ଜଣେ ଜଣେ ଦାୟିତ୍ୱବାନ ନାଗରିକ ରୂପେ ରାଷ୍ଟ୍ର ସେବାରେ ନିଜକୁ ନିୟୋଜିତ କରିବା ତଥା ବ୍ୟକ୍ତିତ୍ୱର ବିକାଶ ପାଇଁ ବାର୍ତା ଦେଇଥିଲେ। ଏହି ଉଦ୍ ଯାପନୀ ସଭାକୁ କୁଚିଣ୍ଡା ମହାବିଦ୍ୟାଳୟର ଏନ୍ ଏସ୍ ଏସ୍ ପ୍ରୋଗ୍ରାମ ଅଫିସର ସୁଶ୍ରୀ ବେଲମତୀ କୁମୁରା ସଭା ପରିଚାଳନା କରିଥିବାବେଳେ କେସେଇବାହାଲ ମହାବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ବିନୋଦ ବିହାରୀ ପୃଷେଠ୍ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ଓ କାର୍ଯ୍ୟକ୍ରମକୁ ସମାପ୍ତ ଘୋଷଣା କରାଯାଇଥିଲା। ଏବଂ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ପ୍ରୋଗ୍ରାମ ଅଫିସରମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ୩୬ତମ ଜାତୀୟ ଗୁଣବତ୍ତା ସମ୍ମିଳନୀରେ ସେଲ ରାଉରକେଲା ଇସ୍ପାତ କାରଖାନାର ଉଜ୍ଜ୍ୱଳ ପ୍ରଦର୍ଶନ

ରାଉରକେଲା,୨୪/୩ (ନି.ପ୍ର): ଔରଙ୍ଗାବାଦରେ ଡିସେମ୍ବର ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ୩୬ତମ ଜାତୀୟ ଗୁଣବତ୍ତା ସମ୍ମିଳନୀରେ ସେଲ ରାଉରକେଲା ଇସ୍ପାତ କାରଖାନାର ସମସ୍ତ ୨୦ ଟି ଗୁଣବତ୍ତା ମଣ୍ଡଳୀ ଦଳ ବିଭିନ୍ନ ବର୍ଗରେ ପୁରସ୍କୃତ ହୋଇଥିଲେ। ଏମଜିଏମ ବିଶ୍ୱବିଦ୍ୟାଳୟ, ଔରଙ୍ଗାବାଦ ସହଭାଗିତାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀର ବିଷୟବସ୍ତୁ ଥିଲା “ସମନ୍ୱିତ ଗୁଣବତ୍ତା ତତ୍ତ୍ୱ- ବିଶ୍ୱ ନେତୃତ୍ୱ ପାଇଁ ପ୍ରବେଶ ଦ୍ୱାର”। ଆରଏସପି ତରଫରୁ ଅଂଶଗ୍ରହଣ କରିଥିବା ସମୁଦାୟ ୨୦ ଟି ଗୁଣବତ୍ତା ମଣ୍ଡଳୀଙ୍କ ମଧ୍ୟରୁ ୧୮ଟି ଗୁଣବତ୍ତା ମଣ୍ଡଳୀ ଇସ୍ପାତ କାରଖାନାର ହୋଇଥିବାବେଳେ ଅନ୍ୟ ଦୁଇଟି ଗୁଣବତ୍ତା ମଣ୍ଡଳୀ ଓଡିଶା ଖଣି ସମୂହର ଥିଲେ। ଆରଏସପିର ସମୁଦାୟ ୨୦ଟି ଗୁଣବତ୍ତା ମଣ୍ଡଳୀ ଦଳଙ୍କ ମଧ୍ୟରୁ ୧୫ଟି ଦଳ ପାର୍ ଏକ୍ସଲେନ୍ସ ପୁରସ୍କାର ଲାଭ କରିଥିଲେ ଯାହା ପ୍ରତିଯୋଗିତାର ସର୍ବୋଚ୍ଚ ପୁରସ୍କାର ଅଟେ। ଦଳ ଗୁଡିକ ହେଉଛନ୍ତି ଶକ୍ତି ପରିଚାଳନା ବିଭାଗର ‘ଉର୍ଜା’, ସିଣ୍ଟରିଂ ପ୍ଲାଣ୍ଟର ‘ସଂପୂର୍ଣ୍ଣ’, କଞ୍ଚାମାଲ ପ୍ରବନ୍ଧନ ବିଭାଗର ‘ଅଗ୍ରଣୀ’, ନୂତନ ପ୍ଲେଟ୍ ମିଲ୍ ର ‘ତେଜସ୍’, ‘ସକ୍ଷମ’ ଓ ‘ରୁଦ୍ର’, ପାଇପ୍ ପ୍ଲାଣ୍ଟରୁ ‘ଆବିଷ୍କାର’, ଇଲେକ୍ଟ୍ରୋନିକ୍ସ ଏବଂ ଅଟୋମେସନ ବିଭାଗର ‘ପାୟୋନିୟର’, ଅମ୍ଳଜାନ ପ୍ଲାଣ୍ଟର ‘ଉଦୟ’, ଏସଏମଏସ-୧ର ‘ସମାଧାନ’, ଷ୍ଟିଲ ମେଲ୍ଟିଂ ସପ-୨ ର ‘ନୟୀ ଉଡ଼ାନ’, ହଟ ଷ୍ଟ୍ରିପ ମିଲ-୧ର ‘ଉତ୍କର୍ଷ’, ପାଇପ୍ ପ୍ଲାଣ୍ଟର ‘ଶ୍ରମ ଦାନ’, ବ୍ଲାଷ୍ଟ ଫର୍ଣ୍ଣେସର ‘ପରିବର୍ତ୍ତନ’ ଏବଂ ଖଣି ସମୂହର ‘ଆରୋହୀ’ । ପାଞ୍ଚଟି ଦଳ ଏକ୍ସଲେନ୍ସ ପୁରସ୍କାର ଲାଭ କରିଥିଲେ। ସେଗୁଡିକ ହେଉଛନ୍ତି ଅନୁସନ୍ଧାନ ଏବଂ ନିୟନ୍ତ୍ରଣ ଲାବୋରେଟୋରୀର ‘ଅର୍ଜୁନ’, କଞ୍ଚାମାଲ ପ୍ରବନ୍ଧନ ବିଭାଗର ‘ଅଗ୍ରଜ’, କୋକ୍ ଓଭେନର ‘ଆବିଷ୍କାର’, ରିପେୟାର ସପ ଇଲେକ୍ଟ୍ରିକଲର ‘ସମ୍ଭବ’ ଏବଂ ଖଣି ସମୂହର ‘ପ୍ରକୃତି’ । ଆରଏସପିର ଗୁଣବତ୍ତା ମଣ୍ଡଳୀଗୁଡିକ ବ୍ୟକ୍ତିଗତ ପ୍ରତିଯୋଗୀତାରେ ମଧ୍ୟ ବିଭିନ୍ନ ପୁରସ୍କାର ଲାଭ କରିଥିଲେ। ତେଜସ ଗୁଣବତ୍ତା ମଣ୍ଡଳୀ କୁଇଜରେ ସାନ୍ତ୍ୱନାମୂଳକ ପୁରସ୍କାର ଲାଭ କରିଥିବା ବେଳେ ଉଦୟ ଗୁଣବତ୍ତା ମଣ୍ଡଳୀ ସ୍ଲୋଗାନ ପ୍ରତିଯୋଗିତାରେ ପୁରସ୍କାର ଲାଭ କରିଥିଲେ। ଆରସିଏଲ ବିଭାଗର ଜିଏମ୍ , ଶ୍ରୀ ଚନ୍ଦନ ସାମଲ ଏ-ମାଗାଜିନରେ ଯୋଗଦାନ ନିମନ୍ତେ ପୁରସ୍କୃତ ହୋଇଥିଲେ।

# କର୍ମୀ ଓ ନେତାଙ୍କ ସହ ମନ୍ତ୍ରୀଙ୍କ ଆଲୋଚନା

ରାଉରକେଲା, ୨୩ ମାର୍ଚ୍ଚ (ହି.ସ.) ଆଜି ଓଡିଶା ସରକାରଙ୍କର ପଂଚାୟତ ରାଜ, ପାନୀୟ ଜଳ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ରବିନାରାୟଣ ନାୟକ ରାଉରକେଲା ଭାରତୀୟ ଜନତା ପାର୍ଟି ଜିଲ୍ଲା କାର୍ଯ୍ୟାଳୟରେ ପହଂଚିବା ମାତ୍ରେ ଜିଲ୍ଲା ତରଫରୁ ଭବ୍ୟ ସ୍ୱାଗତ କରାଯାଇ ଥିଲା । ସେ ବିଜେପିକୁ ପ୍ରାରମ୍ଭିକ ଅବସ୍ଥାରେ ସଂଗ୍ରାମ କରି ସଂଗଠନକୁ ମଜବୁତ୍ ଓ ଶକ୍ତିଶାଳୀ କରିବାକୁ ଅକ୍ଳାନ୍ତ ପରିଶ୍ରମ କରିଥିବା ବରିଷ୍ଠ କାର୍ଯ୍ୟକର୍ତା ଭେଟି ଧନ୍ୟବାଦ ଦେବା ସହିତ ବାର୍ତାଳାପ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ଆପଣମାନେ ସଙ୍ଗଠନର ମେରୁଦଣ୍ଡ ବୋଲି କହିବା ସହିତ ଆପଣ ମାନଙ୍କ ଯୋଗୁ ଆଜି ଦେଶରେ ଓ ରାଜ୍ୟରେ ବିଜେପି ସରକାର ଗଠନ ହୋଇ ପାରିଛି ବୋଲି କହିଥିଲେ । ଆପଣଂକ ପ୍ରୟାସ ଓ ତ୍ୟାଗ କେବେ ନିରର୍ଥକ ହେବ ନାହିଁ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ମହୋଦୟ ନବ ନିର୍ବାଚିତ ସଭାନେତ୍ରୀ ପୂର୍ଣ୍ଣିମା କେରକେଟାଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ରାଜ୍ୟ ଉପ ସଭାନେତ୍ରୀ ସୁଶ୍ରୀ ଶୁକେଶୀ ଓରାମ, ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, ପୂର୍ବତନ ସୁନ୍ଦରଗଡ଼ ସଭାପତି ଯସ୍ୱନ୍ତ ନାୟକ ଉପସ୍ଥିତ ଥିଲେ । ବରିଷ୍ଠ ନେତା ଗଙ୍ଗାଧର ଦାଶ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ସୁରେନ୍ଦ୍ର ନାଥ ପାତ୍ର, ପୂର୍ଣ୍ଣ ଚନ୍ଦ୍ର ଦାଶ, ମଧୁସୁଦାନ ନାୟକ, ଗିରିଜା ଦ୍ୱିବେଦୀ, ଜିତେନ ମହାନ୍ତି, ରବି ମିଶ୍ର, ରମାକାନ୍ତ ପାଣ୍ଡେ , ଅକ୍ଷୟ କୁମାର ଦାଶ, ମଳୟ ମହାପାତ୍ର, ଶଶାଙ୍କ ଜେନା, ଅଶୋକ ଲେଙ୍କା, ରମେଶ ଅଗ୍ରୱାଲ, ପ୍ରେମ ଚାନ୍ଦ ପଶାୟତ , ସତ୍ୟପ୍ରିୟ ସାହୁ, ରମେଶ ସିଂ, ଅଜୟ କଂଶାରୀ, ରଙ୍ଗବାହାଦୂର୍ ବାଗ, ମନୋରଞ୍ଜନ ମୁନି, ଜଗବନ୍ଧୁ ସାହୁ, ରାଜେଶ ପ୍ରସାଦ,ଆଲୋକ ନାୟକ, ରାମ ବର୍ମା, ୟୁ ପି ସିଂ, ବୁଦ୍ଧି ରାମ ସ୍ୱାଇଁ, ନରେଶ ଜେନା, ସର୍ରୋଜ ଦାସ, ସୁଦ୍ଧାକାନ୍ତ ଦାସ, ଅମୂଲ୍ୟ କୁମାର ସେଠୀ, ଯୋଗେନ୍ଦ୍ର ବେଉରିଆ, ରାଜ କୁମାର ସାହା, ଦୁର୍ଗା ସାହୁ, ପ୍ରମିଳା ଦାସ, ପ୍ରମିଳା ସୁନା, ରିତା ସିଂ, ଦିଲ୍ଲୀପ ପଟନାୟକ, ହଳପାନୀ ମାଝୀ, ଦିଲ୍ଲୀପ କୁମାର ପଟେଲ, ଲକ୍ଷ୍ମୀ ନାରାୟଣ ସାହୁ, ଶଙ୍କର ପୂଝାରୀ, ଅଭିଷେକ ସିଂ, ଜଗଦୀଶ ସତପଥୀ, ଲଖନ୍ ଲୋହା,ପ୍ରଣ ତାପ ଦାସ, ଆଶ୍ୱିନ କୁମାର ପଣ୍ଡା, ମନୋଜ ପଟ୍ଟନାୟକ, ସଞ୍ଜୟ ଗୌଡ଼, ପ୍ରଭାକର ସାହୁ, ସୁଶାନ୍ତ ମହାପାତ୍ର, ଶ୍ରୀକାନ୍ତ ପାଢ଼ୀ, ସୁବାସ ଚନ୍ଦ୍ର ମହାନ୍ତ, ବିଷ୍ଣୁ ରାମ ଆଦି ଉପସ୍ଥିତ ଥିଲେ ।

## ବହି ଗୋଦାମରେ ବିସ୍ଫୋରଣ : ୩ ଗୁରୁତର

ଜଗତସିଂହପୁର,୨୪/୩ (ନି.ପ୍ର): ବହି ଗୋଦାମରେ ଘଟିଛି ବିସ୍ଫୋରଣ । ଜଗତସିଂହପୁର ଜନତା କୋଠି ନିକଟରେ ଥିବା ଏକ ବହି ଗୋଦାମରେ ଏହି ବିସ୍ଫୋରଣ ହୋଇଛି । ଏଥିରେ ୩ ଜଣ ଗୁରୁତର ହୋଇଛନ୍ତି । ଗୁରୁତର ମାନଙ୍କୁ ପ୍ରଥମେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ବିସ୍ଫୋରଣ ଏତେ ଜୋରଦାର୍ ଥିଲା ଯେ, ଘରର କାନ୍ଥ ଗୁଡିକ ଫାଟି ଯାଇଛି । ନିଆଁ ଲାଗି ଲକ୍ଷାଧିକ ଟଙ୍କାର ବହି ଜଳିଯାଇଛି । ଗତକାଲି ବିଳମ୍ବିତ ରାତିରେ ଏହି ବିସ୍ଫୋରଣ ହୋଇଛି । ତେବେ କିପରି ବିସ୍ଫୋରଣ ଘଟିଲା ତାର କାରଣ ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ । ଖବର ପାଇ ବାଲିକୁଦା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଛି । ପୋଲିସ ଘଟଣାର ତଦନ୍ତ କରୁଛି ।

# ଶ୍ମଶାନ ନିର୍ମାଣକୁ ନେଇ ମହିଳାଙ୍କ ବିରୋଧ: ସ୍ଥାନ ଛାଡ଼ି ପଳାଇଲେ ଠିକାଦାର

କେନ୍ଦ୍ରାପଡ଼ା,୨୪/୩ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲନଗର ପଂଚାୟତର ଜନଗହଳିପୂର୍ଣ୍ଣ ସ୍ଥାନରେ ଏକ ଶ୍ମଶାନ ନିର୍ମାଣକୁ ନେଇ ଉତେଜନା ସୃଷ୍ଟି ହୋଇଛି । ଶ୍ମଶାନ ନିର୍ମାଣ କାର୍ଯ୍ୟ ଆରମ୍ଭ କରୁଥିବା ଠିକାଦାରଙ୍କୁ ମହିଳାମାନେ ବିରୋଧ ଥିଲେ। ଫଳରେ ଠିକାଦାର ଓ ତାଙ୍କ ସହଯୋଗୀମାନେ ସ୍ଥାନ ଛାଡି ପଳାଇଥିଲେ। ଏ ନେଇ ସଦର ଥାନାରେ ଉଭୟ ଗୋଷ୍ଠୀ ଅଭିଯୋଗ କରିଛନ୍ତି। ମହିଳାମାନେ କହିଛନ୍ତି ଯେଉଁ ସ୍ଥାନରେ ଶ୍ମଶାନ ନିର୍ମାଣ ହେବା ପାଇଁ ଠିକାଦାର କାମ ଆରମ୍ଭ କରିଛନ୍ତି ସେ ସ୍ଥାନ ନିକଟରେ ମନ୍ଦିର ରହିଛି। ପିଲାମାନେ ଓ ସ୍ଥାନୀୟ ବାସିନ୍ଦାମାନେ ଏହି ରାସ୍ତା ଦେଇ ପ୍ରତିଦିନ ମନ୍ଦିର ଓ ନଦୀକୁ ଯିବା ଆସିବା କରିଥାନ୍ତି। ସେଠାରେ ଥିବା ପଡିଆରେ ପିଲାମାନେ ସବୁଦିନ ଖେଳାଖେଳି କରନ୍ତି । ତେଣୁ ଏହି ରାସ୍ତାରେ ଶ୍ମଶାନ ନିର୍ମାଣ ହେଲେ ପିଲାମାନେ ଭୟଭୀତ ହେବେ। ସେହିପରି ଜନବସତିରେ ଏହି ଶ୍ମଶାନ ନିର୍ମାଣ କରାଯାଉଥିବାରୁ ମୃତଦେହ ପୋଡା ହେଲେ ତାହାର ଗନ୍ଧ ଲୋକଙ୍କୁ ଅସ୍ତବ୍ୟସ୍ତ କରିବ। ଏହି ଗ୍ରାମ ନିକଟରେ ସହରର ଏକ ବଡ଼ ଶ୍ମଶାନ କଜଳାରେ ରହିଛି। ସେହି ସ୍ଥାନଟି ଗ୍ରାମଠାରୁ ଦୂରରେ ରହିଛି। ପୂର୍ବ ପୁରୁଷରୁ କଜଳାରେ ଶବଦାହ କରାଯାଉଛି। ଏହି ସ୍ଥାନଟି ଜନବସତି ଅଳ୍ପ ନିକଟରେ। ତେଣୁ ସେଠାରେ ଶବ ପୋଡାଯିବାରେ କୌଣସି ସମସ୍ୟା ନାହିଁ। ହେଲେ ଠିକାଦାରଙ୍କୁ ପୋଷିବା ପାଇଁ କେତେକ କୁଜିନେତା ଏଠାରେ ଶ୍ମଶାନ ନିର୍ମାଣକୁ ପ୍ରୋତ୍ସାହନ ଯୋଗାଉଛନ୍ତି। ଏହାଦ୍ୱାରା ଲୋକେ ବହୁ ସମସ୍ୟାରେ ପଡିବେ ବୋଲି ମହିଳାମାନେ କହିଛନ୍ତି। ଏହା କହିବା ସହିତ ମହିଳାମାନେ ଥାନା ସମ୍ମୁଖରେ ପ୍ରତିବାଦ କରିଥିଲେ। ସେହି ମହିଳାମାନେ ଦୁଇଦିନ ପୂର୍ବରୁ ଜିଲ୍ଲାପାଳଙ୍କ ନିକଟରେ ଶ୍ମଶାନ ନ ହେବାପାଇଁ ଅଭିଯୋଗ ଦେଇଥିଲେ । ଉପଜିଲ୍ଲପାଳ ଏହାକୁ ତଦନ୍ତ କରି ଉଚିତ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିଲେ । କିନ୍ତୁ ଠିକାଦାର ଏହାକୁ ନ ମାନି ଜବରଦସ୍ତି କାମ ଆରମ୍ଭ କରୁଥିଲେ । ତେଣୁ ମହିଳାମାନେ ଏହି କାର୍ଯ୍ୟକୁ ବିରୋଧ କଲେ । ଅପରପକ୍ଷରେ ଶ୍ମଶାନ ନିର୍ମାଣକୁ ସମର୍ଥନ କରୁଥିବା ଅ ଳର ସରପ ଙ୍କ ସ୍ୱାମୀ କରୁଣାକର ସାହୁ କହିଛନ୍ତି ଏହି ଗ୍ରାମରେ ଶ୍ମଶାନ ନିର୍ମାଣର ଯଥାର୍ଥତା ରହିଛି। କାରଣ ୧୯୮୪ ମସିହାରୁ ଏହି ପଂଚାୟତରେ ୧୫ ଡିସିମିଲ ଶ୍ମଶାନ ଜମି ରହିଛି। ତେଣୁ ପଂଚାୟତ ତରଫରୁ ଶ୍ମଶାନ ନିର୍ମାଣ ହେବା ପାଇଁ ଯୋଜନା ହୋଇଥିଲା। ଯୋଜନା ଅନୁଯାୟୀ କାର୍ଯ୍ୟ ଆରମ୍ଭ ହେବା ବେଳେ ଗୋଚର ଜମିରେ ଅବୈଧ ଭାବେ ବାସ କରୁଥିବା କିଛି ଲୋକ ଓ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା କିଛି ଲୋକ ମିଶିକି ଶ୍ମଶାନ ନିର୍ମାଣ କାର୍ଯ୍ୟକୁ ବିରୋଧ କରିଛନ୍ତି। ସେ କହିଛନ୍ତି କଜଳା ଶ୍ମଶାନ ଏଠାରୁ ୩ କିଲୋମିଟର ଦୂର। ଲୋକମାନେ କାହିଁକି ଖରା ବର୍ଷାରେ ୩ କିଲୋମିଟର ଶବ ବୋହି ନେଇକି ଯିବେ ଓ ସମସ୍ୟାରେ ପଡିବେ। ତେଣୁ ଗ୍ରାମରେ ଶ୍ମଶାନ ହେଲେ ଗୁଲନଗର ଓ ସୁଜାନଗର ଗ୍ରାମବାସୀ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି ଉଭୟ ଅଭିଯୋଗକୁ ଆମେ ଗ୍ରହଣ କରି ଘଟଣାର ତଦନ୍ତ କରୁଛୁ।

## ରୋଟାରୀ କ୍ଲବ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

ଧର୍ମଶାଳା,୨୪/୩ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକା ରୋଟାରୀ କ୍ଲବର ନିଜସ୍ୱ ଭିଜନ କେୟାର ସେଂଟର ତରଫରୁ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର କ୍ଲବ କାର୍ଯ୍ୟାଳୟ ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ଶିବିରରେ ୨୯ ଜଣଙ୍କର ନିଃଶୁଳ୍କ ଚକ୍ଷୁ ଚିକିତ୍ସା କରାଯାଇ ଥିଲା। ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରରେ ଶୁଶ୍ରୀ ସ୍ୱାଗତିକା ଓ ଜ୍ୟୋତିରାଦିତ୍ୟ ରାୟ ଉପସ୍ଥିତ ରହି ରୋଗୀଙ୍କ ଚକ୍ଷୁ ପରୀକ୍ଷା କରି ଆବଶ୍ୟକୀୟ ଚିକିତ୍ସାର ପରାମର୍ଶ ଦେଇଥିଲେ । ଏଥିସହ ଅସ୍ତ୍ରୋପଚାର ଆବଶ୍ୟକତା ହେଉଥିବା ରୋଗୀମାନଙ୍କୁ ମାଗଣାରେ ନିଆଯାଇ କଟକସ୍ଥିତ ବିଡାନାସୀ ଠାରେ ଥିବା ରୋଟାରୀ ଚକ୍ଷୁ ଚିକିତ୍ସାଳୟରେ ଅସ୍ତ୍ରୋପଚାର କରାଯିବା ସହିତ ଔଷଧ ଦିଆଯିବାର ବ୍ୟବସ୍ଥା ଅଛି ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି । ରୋଟାରୀ କ୍ଲବ ର ସଭପତି ରାଜେନ୍ଦ୍ର ପ୍ରସାଦ ପଲେଇ ଓ ସଂପାଦକ ଜୟପ୍ରକାଶ ତ୍ରିପାଠୀ, ପ୍ରଦୀପ୍ତ କୁମାର ବରାଳ, ଜୟନ୍ତ କୁମାର ସାହୁ, ଲକ୍ଷ୍ମୀକାନ୍ତ ଚଉପଟନାୟକ, ପ୍ରମୋଦ ସାମଲ,ବିନୋଦ ପରିଡ଼ା,ସୁକାନ୍ତ ସ୍ୱାଇଁ,ନିରଞ୍ଜନ ପାଣିଗ୍ରାହୀ, ଜୟଗୁରୁ ପାତ୍ର ପ୍ରମୁଖ ବହୁ ରୋଟାରିନ ସଭ୍ୟମାନେ ଉପସ୍ଥିତ ରହି ଏହି ଶିବିରକୁ ପରିଚାଳନା କରିଥିଲେ। ଏଭଳି ମାଗଣା ଚକ୍ଷୁ ଚିକିତ୍ସା ଶିବିର ପ୍ରତ୍ୟେକ ରବିବାର ସକାଳ ୯ଘଟିକା ରୁ ଆରମ୍ଭ ହୋଇ ଦିବା ୧ଘଟିକା ପର୍ଯ୍ୟନ୍ତ ଜାରକା ରୋଟାରୀ କ୍ଲବ ପରିସରରେ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି ।

# ଅଭିନବ କୃଷି ଗବେଷଣା ସଂସ୍ଥା ପକ୍ଷରୁ ‘ବାର୍ଷିକ କୃଷକ ସମ୍ମିଳନୀ ୨୦୨୫

ସମ୍ବଲପୁର,୨୪/୩ (ନି.ପ୍ର):ଆଜି ସମ୍ବଲପୁର ଜିଲ୍ଲା ଧମା ସ୍ଥିତ ଏଆଇ ବାଇଓ ଫାର୍ମ ରେ ଉତ୍ସାହ ଭରା ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମ୍ବଲପୁର, ବରଗଡ଼ ଏବଂ ଝାରସୁଗୁଡ଼ା ଜିଲ୍ଲାରୁ ୭୦ରୁ ଅଧିକ କୃଷକ ଯୋଗ ଦେଇ ଆଧୁନିକ ଜ୍ଞାନକୌଶଳ ଓ ସଫଳତା କାହାଣୀ ଆଦାନ-ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡା. ଅଜୟ ତ୍ରିପାଠୀ, ଆସିଷ୍ଟାଂଟ ପ୍ରଫେସର, ଗଙ୍ଗାଧର ମେହେର ମହାବିଦ୍ୟାଳୟ, ସମ୍ବଲପୁର ଏବଂ ସମ୍ମାନନୀୟ ଅତିଥି ଭାବେ ସିତାକାନ୍ତ ବେହେରା, ସଂସ୍ଥାପକ, ଉତ୍କର୍ଷ ନେଚର୍ ଭିଲେଜ୍, ଗୋବର୍ଦ୍ଧନ ବଡ଼ମାଲ ଯୋଗ ଦେଇଥିଲେ। ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହିତ, ମଂଚ ପରିଚାଳନାରେ ପ୍ରିୟାଂଶୁ ବସ୍ତିଆ ଏବଂ ହରିଶ ଦେବତା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

ସକାଳ ୯ ଟାରୁ ଅଂଶଗ୍ରହୀ କୃଷକ ଓ ଅତିଥିମାନଙ୍କ ନାମ ଲେଖା ପ୍ରକ୍ରିୟା ସହିତ କାର୍ଯ୍ୟକ୍ରମର ସୁଭାରମ୍ଭ କରି ଡ଼ା ଅଭିଳାଷ ପଧାନ, ମାନେଜିଙ୍ଗ ଟ୍ରଷ୍ଟି, ଅଭିନବ କୃଷି ଗବେଷଣା ସଂସ୍ଥା, ସମ୍ବଲପୁର ମଂଚର ଭାର ନେଇ ସଂସ୍ଥାପକ ଶ୍ରୀ କୈବଲ୍ୟ ପ୍ରଧାନ, ମୁଖ୍ୟ ଅତିଥି, ସମ୍ମାନନୀୟ ଅତିଥି ସହ ସଂସ୍ଥାର ଟ୍ରଷ୍ଟି ସଦସ୍ୟମାନଙ୍କୁ ମଂଚରେ ଆମନ୍ତ୍ରଣ କରିଥିଲେ। ସମ୍ମିଳନୀରେ ଶ୍ରୀ କୈବଲ୍ୟ ପ୍ରଧାନ ସ୍ୱାଗତ ଭାଷଣରେ କୃଷକଙ୍କ ମଧ୍ୟରେ ଉଦ୍ଭାବନଶୀଳ କୃଷିର ଉପଯୋଗିତା ବିଷୟରେ ଉଲ୍ଲେଖ କରିଥିଲେ। ଜଟା ଭୂଷଣ ସାହୁ (ଟ୍ରଷ୍ଟି ସଦସ୍ୟ) ସଂସ୍ଥାର ଦୃଷ୍ଟିକୋଣ ଓ ଲକ୍ଷ୍ୟକୁ ସ୍ପଷ୍ଟ କରି କୃଷିକୁ ଅଧିକ ଲାଭକାରୀ କରିବା ପାଇଁ ସମାଲୋଚନା କରିଥିଲେ। ଅତିଥିମାନେ ଆଧୁନିକ ପ୍ରଯୁକ୍ତି ବ୍ୟବହାର କରି କୃଷିକୁ ଏକ ନୂତନ ଦିଗରେ ନେବା ପ୍ରୟାସରେ ଜୋର ଦେଲେ।

ଦିନର ସ୍ପେଶାଲ୍ ଆକର୍ଷଣ ଥିଲା ଲୁତନ କୁମାର ସାହୁ ଓ ଆଶିଷ ଖମାରୀଙ୍କ ସଫଳତା କାହାଣୀ। ଦିନ ଶେଷରେ, ଶ୍ରୀମତୀ ସୁକାନ୍ତି ଗଡ଼ତିଆ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷିକା, ଦେଓଗଡ଼, ଧନ୍ୟବାଦ ଜଣାଇ ସମ୍ମିଳନୀର ସମାପନ କରିଥିଲେ। ଏହି ପ୍ରସଙ୍ଗରେ ସମସ୍ତ ଅତିଥି ଓ କୃଷକମାନେ ଆଗାମୀରେ ମଧ୍ୟ ଏହିପରି ଅନୁଷ୍ଠାନରେ ଯୋଗଦେବାକୁ ଇଚ୍ଛା ପ୍ରକାଶ କରିଥିଲେ। ଅଭିନବ କୃଷି ଗବେଷଣା ସଂସ୍ଥା ଦ୍ୱାରା ଆୟୋଜିତ ଏହି କୃଷକ ସମ୍ମିଳନୀ ନିଶ୍ଚୟ ଏକ ନୂତନ ମାର୍ଗରେ କୃଷକମାନଙ୍କୁ ଅଗ୍ରସର କରିବାରେ ସାହାଯ୍ୟ କରିବ।

# ସମାଜ କଲ୍ୟାଣ ଶିକ୍ଷକ ସଙ୍ଗଠନ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଧର୍ମଶାଳା,୨୪/୩ (ନି.ପ୍ର): ଯାଜପୁର ଜିଲଶ ଧର୍ମଶାଳା ବ୍ଲକ ସମାଜ କଲ୍ୟାଣ ଶିକ୍ଷକ ସଙ୍ଘ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛଇ । ତତ ସହିତ ସଙ୍ଗଠନର ବାର୍ଷିକ ମୁଖପତ୍ର ‘ସେବାଶ୍ରୀ’ ଉନ୍ମୋଚନ ହୋଇଯାଇଛି । ଏହି ସ୍ୱାସ୍ଥ୍ୟ ଶିବିରରେ ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ଏହି ରକ୍ତଦାନ ଶିବିରରେ ୨୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ସଙ୍ଗଠନର ସଭାପତି ଅରବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁସ୍ତକ ଉନ୍ମୋଚନ ଉତ୍ସବରେ ସମ୍ମାନୀୟ ଅତିଥି ଭାବେ ସମାଜସେବୀ ମାଧୁରୀ ଶତପଥୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ଶିକ୍ଷାବିତ ମନୋରଞ୍ଜନ ମହାନ୍ତି, ସୁଶାନ୍ତ କୁମାର ପଣ୍ଡା,ସାହିତ୍ୟିକ ରାଜ କିଶୋର ପାଢୀ, ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି , ପଣ୍ଡିତ କାମଦେବ ଶତପଥୀ ପ୍ରମୁଖ ଯୋଗଦେଇ ଶିକ୍ଷକମାନଙ୍କ ସମାଜ କଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ସଙ୍ଗଠନର ସମ୍ପାଦକ ସେକ ସାମସୁଦ୍ଦିନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସଙ୍ଗଠନର ସଦଶ୍ୟ ତଥା ଶିକ୍ଷକ ଅନିଲ କୁମାର ମହାରଣା,ଚିତରଞ୍ଜନ କର, ସୋନାଲିକା ପରିଡା,ସୁଭଦ୍ରା ଦାସ, ରଶ୍ମୀରଞ୍ଜନ ସାହାଣୀ, କ୍ଷିତିଶ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ୬ ଜଣ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଶିକ୍ଷକ ଜିତେନ୍ଦ୍ର କୁମାର ଧନ୍ୟବାଦ ଅର୍ପଣ କରିଥିଲେ ।


**OFFICE OF THE REGULATED MARKET COMMITTEE, NILGIRI**

AT/PO-NILGIRI, DIST-BALASORE PIN-756040

**SHORT TENDER CALL FOR ELECTRICAL WORK**

Notice No. 197 Date. 21/03/2025

Sealed Tenders are invited from registered Electrical Contractors of TPNODL having valid 'H.T.' License for execution of Electrical Work i.e. 02 Ph. 02 wires 5 KW Power supply to Nakulakar Hat of Naranpur G.P. (R.M.C. Market Yard), At-Nakulakar, Po-Naranpur, Dist.- Balasore. The Sealed Tenders must reach the O/o the Regulated Market Committee, Nilgiri during the office hour by 10.00 AM to 5.00 PM on 28th March, 2024. The estimated Project Cost is Rs. 4,57,307/- (Rupees Four Lakh Fifty-Seven Thousand Three Hundred and Seven) only excluding G.S.T. The EMD amount should be 1% of the estimated Project Cost i.e. Rs. 4,573/- (Rupees Four Thousand Five Hundred & Seventy-Three) only which will be drawn in favor of the Secretary, Regulated Market Committee, Nilgiri. The cost of Tender Paper is Rs. 600/- (Rupees Six Hundred) only. The Tender Paper & details of the estimate may be purchased from the office during the office hour before the last date of closing i.e. Dt. 28.03.2025. The Sealed Tenders will be opened at 11.00 AM on Dt. 29.03.2025 at O/o the RMC, Nilgiri. The H.T. Electrical Contractor who have work experience in RMC electrical work may be given weightage over others. The work completion period is 01 months from the date of issue of work order.

The Authority reserves the right to reject any or all the Tenders at any time without assigning any reason thereof.

**Sub- Collector- cum- Chairman**
**RMC, Nilgiri**


# ବନ୍ତ ବ୍ଲକ୍‌ରେ ମିଳିତ ଜନ ଶୁଣାଣି ଶିବିର

ଭଦ୍ରକ,୨୪/୩ (ନି.ପ୍ର): ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିର ବନ୍ତ ବ୍ଲକ୍‌ରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ଏହି ଶିବିରରେ ଯୋଗଦେଇ ସମୁଦାୟ ୧୧୯ ଟି ଅଭିଯୋଗ ଶୁଣିଥିଲେ। ସେଥି ମଧ୍ୟରେ ୮୬ ଟି ବ୍ୟକ୍ତିଗତ ଓ ୩୨ଟି ସାମୂହିକ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ଥିଲା। ରେଡ଼କ୍ରସ୍ ସମ୍ବନ୍ଧୀୟ ୧ଟି ଅଭିଯୋଗ ଥିଲା। ଉକ୍ତ ଆବେଦନକାରୀଙ୍କୁ ଜିଲ୍ଲା ରେଡ଼କ୍ରସ୍ ପାଣ୍ଠିରୁ ୪୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିଲେ। ୩୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଯୋଜନା ଆନୁକୂଲ୍ୟରେ ୨ଟି ହ୍ୱିଲ ଚେୟାର ଓ ଗୋଟିଏ ତିନି ଚକିଆ ସାଇକେଲ ବିତରଣ କରାଯାଇଥିଲା। ଭଦ୍ରକ ଜିଲ୍ଲାପରିଷଦର ଅଧକ୍ଷ ପ୍ରଫୁଲ୍ଲ କୁମାର ଜେନା ମଧ୍ୟ ଏହି ଶିବିରରେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଅତିରିକ୍ତ ଏସ୍.ପି. ବାସୁଦେବ ସ୍ୱାଇଁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସମାଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ବନ୍ତ ବ୍ଲକ୍‌ର ଅଧକ୍ଷ ମନୋରଞ୍ଜନ ଘଡ଼େଇ ପ୍ରମୁଖ ଏହି ଶିବିରରେ ଯୋଗଦେଇ ଜନାଭିଯୋଗ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ଭଦ୍ରକ ଜିଲ୍ଲାସ୍ତରୀୟ ଓ ଉକ୍ତ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ଜନଶୁଣାଣିରେ ବିଭିନ୍ନ ବିଭାଗୀୟ ଅଭିଯୋଗ ସମାଧାନ ନିମନ୍ତେ ଆବଶ୍ୟକ ତଥ୍ୟ ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନ କରିଥିଲେ।

## ସାକ୍ଷରତା ପରୀକ୍ଷା ଅନୁଷ୍ଠିତ

ଜୟପୁର,୨୪/୩ (ନି.ପ୍ର): ଜିଲ୍ଲାରେ କେହି ନିରକ୍ଷର ରହିବେ ନାହିଁ। ସମସ୍ତେ ସ୍ୱାକ୍ଷର ହେବେ। ଏହି ଉଦ୍ଦେଶ୍ୟ ନେଇ କୋରାପୁଟ ଜିଲ୍ଲା ଜୟପୁର ବ୍ଲକର ୧୫ ଟି କ୍ଲଷ୍ଟରରେ ୫୦୦ ରୁ ଉର୍ଦ୍ଧ୍ୱ ଶିକ୍ଷାର୍ଥୀଙ୍କୁ ନେଇ ସାକ୍ଷରତା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି କ୍ଷ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ୨୬ଟି କେନ୍ଦ୍ରର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଏହି ପରୀକ୍ଷାକୁ ପରିଚାଳନା କରିଛନ୍ତି। ନିଜ ଅଂଚଳର ୧୮ ବର୍ଷରୁ ଉର୍ଦ୍ଧ୍ୱ ନିରକ୍ଷର ବ୍ୟକ୍ତିଙ୍କୁ ଏଥିରେ ସାମିଲ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟିକୁ ଆଂଚଳିକ ସାଧନ କର୍ମୀ ସର୍ବେଶ୍ୱର ପଟ୍ଟନାୟକ, ଜ୍ୟୋତି ଶଙ୍କର ତ୍ରିପାଠୀ, ଭାଗିରଥି ବାରିକ, ସଂଯୁକ୍ତା ରାଉତ ଓ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସୁଚାରୁରୂପେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ସାକ୍ଷରତା ହାରରେ ଅଭିବୃଦ୍ଧି ଘଟିବ ବୋଲି ଗୋଷ୍ଠୀଶିକ୍ଷାଧିକାରୀ କହିଛନ୍ତି । ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ଶତପଥୀ, ପ୍ରିୟମ୍ବଦା ପାତ୍ର ଏହି କାର୍ଯ୍ୟକ୍ରମକୁ ନିରୀକ୍ଷଣ କରିଥିଲେ ।

# ଘରେ ତିଆରି କରନ୍ତୁ ପିଆଜ କେଶ ତେଲ: ଚୁଟିକୁ କରେ ଲମ୍ବା, ମୋଟା ଏବଂ ମଜବୁତ୍

ଭାରତୀୟ ବଜାରରେ ପିଆଜ କେଶ ତେଲ ବହୁତ ଲୋକପ୍ରିୟ ହେବାରେ ଲାଗିଛି। ଏଥିରେ ଥିବା ସଲଫର ଯୋଗୁଁ ଏହା ଚୁଟିକୁ ଲମ୍ବା, ମୋଟା ଏବଂ ମଜବୁତ୍ କରିବାରେ ସାହାଯ୍ୟ କରୁଛି। ଜାଣନ୍ତୁ ଘରେ କିପରି ପ୍ରାକୃତିକ ଉପାୟରେ ତିଆରି କରିବେ ପିଆଜ କେଶ ତେଲ।

ବର୍ତ୍ତମାନ କିଛି ଦିନ ହେବ ଭାରତୀୟ ବଜାରରେ ପିଆଜ କେଶ ତେଲ ବହୁତ ଲୋକପ୍ରିୟ ହେବାରେ ଲାଗିଛି। ଏଥିରେ ଥିବା ସଲଫର ଯୋଗୁଁ ଏହା ଚୁଟିକୁ ଲମ୍ବା, ମୋଟା ଏବଂ ମଜବୁତ୍ କରିବାରେ ସାହାଯ୍ୟ କରୁଛି। ଏହା ମଧ ଖପୁରୀରେ ରକ୍ତ ପ୍ରବାହକୁ ଉନ୍ନତ କରିଥାଏ, ଯାହା ଫଳରେ ଚୁଟିର ମୂଳକୁ ଦୃଢ କରିଥାଏ।

ତେବେ ବଜାରରେ ମିଳୁଥିବା ଏହି ପିଆଜ କେଶ ତେଲର ଦାମ୍ ମଧ ଅଧିକ। ଫଳରେ ଏହାକୁ ସମସ୍ତେ କିଣି ବ୍ୟବହାର କରିବା ମଧ ସହଜ ନୁହେଁ। ଅନ୍ୟଏକ ଦିଗ ଦେଖିଲେ, ସାଧାରଣତଃ ବଜାରରେ ମିଳୁଥିବା ସବୁ ଦ୍ରବ୍ୟରେ କେମିକାଲର ମିଶ୍ରଣ ହୋଇଥାଏ, ଯାହା ଶରୀର ପାଇଁ ପରେ କ୍ଷତି ମଧ କରିଥାଏ।

ଏପରି ପରିସ୍ଥିତିରେ ଆପଣ ଯଦି ଘରେ ଏହି ତେଲକୁ ପ୍ରସ୍ତୁତ କରି ବ୍ୟବହାର କରିପାରିବେ ତେବେ ଏହା ବହୁତ ଭଲ ହେବ। ତେଣୁ, ଆମେ ଆପଣଙ୍କୁ ଏମିତି କିଛି ସହଜ ଉପାୟ କହିବୁ ଯାହା ଦ୍ୱାରା ଆପଣ ଘରେ ବସି ପିଆଜ କେଶ ତେଲ ପ୍ରସ୍ତୁତ କରିପାରିବେ।

ପିଆଜ କେଶ ତେଲ ଚୁଟିକୁ କରେ ଲମ୍ବା, ମୋଟା ଏବଂ ମଜବୁତ୍

<u>ଆବଶ୍ୟକ ଜିନିଷ:</u>

ସର୍ବପ୍ରଥମେ ଆପଣଙ୍କୁ ୩ ରୁ ୪ ବଡ ପିଆଜ ନେବାକୁ ପଡିବ।

ଏହା ପରେ ଆପଣଙ୍କୁ ନିଜ ପସନ୍ଦ ଅନୁଯାୟୀ ୧ କପ୍ ନଡିଆ, ଅଲିଭ୍ କିମ୍ବା ଅନ୍ୟ କୌଣସି ତେଲ ନେବାକୁ ପଡିବ।

ଯଦି ଆପଣ ଚାହାଁନ୍ତି, ଆପଣ ଏଥିରେ ରୋଜମେରି, ଲାଭେଣ୍ଡର କିମ୍ବା ଅନ୍ୟ କୌଣସି ତେଲ ମଧ ମିଶାଇ ପାରିବେ।

*<u>ପ୍ରସ୍ତୁତ ପ୍ରଣାଳି:</u>*

ପିଆଜର ଉପର ଚୋପାକୁ ଭଲଭାବେ ଛଡେଇ ଦିଅନ୍ତୁ

ଏହା ପରେ ପିଆଜକୁ ଛୋଟ ଛୋଟ ଖଣ୍ଡ କରି କାଟି ଦିଅନ୍ତୁ ଏହା ପରେ ଏହାକୁ ଭଲ ଭାବେ ଗ୍ରାଇଣ୍ଡ୍ କରି ଏକ ଚିକ୍କଣ ପେଷ୍ଟ୍ ପ୍ରସ୍ତୁତ କରନ୍ତୁ।

ଏହା ପରେ, ଏକ ପତଳା କପଡାରେ ଏହି ପିଆଜ ପେଷ୍ଟ୍‌କୁ ଛାଣନ୍ତୁ। ଏହି ରସକୁ ସଂପୂର୍ଣ୍ଣ ରୂପେ ବାହାରକୁ ଯିବାକୁ ଚେଷ୍ଟା କରନ୍ତୁ।

ଏହା ପରେ ଗ୍ୟାସ୍‌ରେ କଡେଇ ବସାନ୍ତୁ ଏବଂ ନଡ଼ିଆ, ଅଲିଭ୍ କିମ୍ବା ଅନ୍ୟ କୌଣସି ତେଲ ପକାଇ ହାଲୁକା ଗରମ କରନ୍ତୁ।

ତେଲ ଗରମ ହେବା ପରେ ଏଥିରେ ପିଆଜ ରସକୁ ପକାନ୍ତୁ।

ଏହାକୁ ୧୫ ରୁ ୨୦ମିନିଟ୍ ପର୍ଯ୍ୟନ୍ତ କମ୍ ନିଆଁରେ ଗରମ କରନ୍ତୁ। ଏହାକୁ ଧିରେ ଧିରେ ଘାଣ୍ଟନ୍ତୁ, ଯେପରି ଏହା ପୋଡି ନ ଯାଏ।

ବର୍ତ୍ତମାନ ଏହାକୁ ଥଣ୍ଡା ହେବାକୁ କିଛି ସମୟ ଛାଡିଦିଅନ୍ତୁ

ବର୍ତ୍ତମାନ ଏହାକୁ ଭଲ ଭାବେ ଛାଣିଦିଅନ୍ତୁ ଯେପରି କୌଣସି ଟୁକୁଡା ଅଂଶ ନ ରୁହେ।

*<u>ବାସ୍ନା ପାଇଁ:</u>*



ବର୍ତ୍ତମାନ ଏଥିରେ ଅତ୍ୟାବଶ୍ୟକ ତେଲ ମିଶାନ୍ତୁ।

ଉତ୍ତମ ସୁଗନ୍ଧ ପାଇଁ ଆପଣ ଏଥିରେ ଅଳ୍ପ କିଛି ଏସେନ୍‌ସିଆଲ୍ ତେଲ ମିଶାଇ ପାରିବେ।

ବର୍ତ୍ତମାନ ପିଆଜ ତେଲ ଏବଂ ଏହି ଏସେନ୍‌ସିଆଲ୍ ତେଲକୁ ଭଲ ଭାବରେ ମିଶାନ୍ତୁ।

ଏହା ପରେ ଏହି ତେଲକୁ ଏକ ସଫା ପାତ୍ର କିମ୍ବା ବୋତଲରେ ରଖନ୍ତୁ।

## ଶୁଖିଲା କାଶ ପାଇଁ





ଉଷୁମ ପାଣିରେ ଅଳ୍ପ ଲୁଣ ପକାଇ ଗାର୍ଗିଲିଂ କରନ୍ତୁ।

କାଶ ପାଇଁ ମହୁ ଉତ୍ତମ ମହୋଷଧି। ଏହାକୁ ଗରମ ପାଣି କିମ୍ବା କ୍ଷୀରରେ ମିଶାଇ ସେବନ କରନ୍ତୁ। ତେବେ ଦୁଇବର୍ଷ ତଳର ଶିଶୁଙ୍କୁ ଏହା ଦେବା ଅନୁଚିତ।

ଅଦାକୁ ଜଳରେ ଜାକି ଟିକେ ଟିକେ ଚୋବେଇଲେ ଏହା ଗଳାରେ ହେଉଥିବା ଖସ୍ ଖସ୍ ଦୂରକରିବ।

ଅଦାକୁ ଛେଚି ଗରମ ପାଣିରେ ପକାଇ ଫୁଟାନ୍ତୁ। ଏହା ଥଣ୍ଡା ହେବାପରେ ଦିନରେ ଥରଟିଏ ସେବନ କରନ୍ତୁ।


## ବେଙ୍ଗୁଲିରାଣୀର ବିଷଧର ଚେହେରା



ଏପରି ଅନେକ ଜୀବଜନ୍ତୁ ଆମ ଜୀବଜଗତରେ ବାସ କରନ୍ତି ଯେଉଁମାନେ ଆକାରରେ ଛୋଟ ହେଲେ ମଧ୍ୟ ସମ୍ପୂର୍ଣ୍ଣ ରୂପେ ବିଷାକ୍ତ। ବିଷଧର ବଡ଼ ଜନ୍ତୁମାନଙ୍କର ବିଷ ମଧ୍ୟ ଏମାନଙ୍କ ଶରୀରରେ କୌଣସି ପ୍ରଭାବ ପକାଇ ନଥାଏ। ବର୍ଷାଦିନେ ରଙ୍ଗବେରଙ୍ଗର ଏକ ସେଂଟିମିଟରରୁ ବି ଛୋଟ ଆକର୍ଷଣୀୟ ବେଙ୍ଗ ଦେଖିବାକୁ ମିଳେ। ହେଲେ ଏହି ବେଙ୍ଗଗୁଡ଼ିକ ଦେଖିବାକୁ ଯେତିକି ସୁନ୍ଦର ତାଠାରୁ ଏମାନେ ଅଧିକ ବିଷାକ୍ତ ମଧ୍ୟ ହୋଇଥାନ୍ତି। ଏମାନଙ୍କ ଚର୍ମରୁର ସବୁବେଳେ ଏକ ପ୍ରକାର ଲାଳ ନିଗିଡ଼ିଥାଏ। ଏଥିରେ ୨୦୦ ଗୁଣା ଟକସିନ ଭରି ରହିଥାଏ। ଏହି ବିଷାକ୍ତ ଲାଳ ଥରେ କାହା ଦେହରେଲାଗିଲେ ୧ଘଂଟା ମଧ୍ୟରେ ମୃତ୍ୟୁ ହେବାର ସମ୍ଭାବନା ରହିଥାଏ।

# କଣ ସୁନା ଦାନ୍ତ ପ୍ରକୃତରେ ସମ୍ପୂର୍ଣ୍ଣ ସୁନା ? ଏହାର ମୂଲ୍ୟ କେତେ ? ଜାଣନ୍ତୁ ପୂରା ତଥ୍ୟ...

**ଅନେକ ଲୋକ କଥା କଥାରେ କହିଥାନ୍ତି ଦାନ୍ତ ଭାଙ୍ଗିଲେ ସୁନା ଦାନ୍ତ ଲଗାଇବା।କଣ ସତରେ ଏତେ ସହଜ ସୁନା ଦାନ୍ତ ଲଗାଇବା। କଣ ଏହି ସୁନା ଦାନ୍ତ ପ୍ରକୃତରେ ସମ୍ପୂର୍ଣ୍ଣ ସୁନାର ହୋଇଥାଏ ? ଏହାର ଦାମ୍ କେତେ ? ଆସନ୍ତୁ ଜାଣିବା...**



ସୁନା ଦାନ୍ତରେ ସୁନା ସହ ଅନେକ ଅଲଗା ଅଲଗା ଧାତୁ ବ୍ୟବହାର କରାଯାଏ। ସୁନା ଦାନ୍ତରେ ୫୦ ପ୍ରତିଶତରୁ କମ୍ ସୁନା ବ୍ୟବହାର କରାଯାଏ । ଅନେକ ସମୟରେ ୨୫ ପ୍ରତିଶତରୁ କମ୍ ସୁନାର ବ୍ୟବହାର ମଧ କରାଯାଏ। ଏହା ମଧ ଅନେକ ପ୍ରକାରର ଅଛି। ବିଶେଷଜ୍ଞଙ୍କ ଅନୁସାରେ ଶୁଦ୍ଧ ସୁନା ଅନ୍ୟ ଧାତୁ ତୁଳନାରେ ଅଧିକ ନରମ ହୋଇଥାଏ। ତେଣୁ ଦାନ୍ତ ଭାବେ ବ୍ୟବହାର କରାଯାଇପାରିନଥାଏ । ସୁନା ରାସାୟନିକ ଭାବରେ ନିଷ୍କ୍ରିୟ ହୋଇଥାଏ । ଅନ୍ୟ ଧାତୁ ପରି ସୁନା ଅକ୍ସିଡାଇଜ୍ ହୁଏ ନାହିଁ । ତେଣୁ ଏହାକୁ ବ୍ୟବହାର କରିବା ପାଟି ପାଇଁ ଭଲ ହୋଇଥାଏ। ସୁନା ଦାନ୍ତ ସହଜରେ ଭାଙ୍ଗେନି । ଏହା ବହୁତ ଶକ୍ତ ହୋଇଥାଏ । ନିୟମିତ ବ୍ୟବହାର କଲେ ମଧ ଏହା ୫୦ ବର୍ଷରୁ ଅଧିକ ଦିନ ଯାଏଁ ଭଲ ରହିଥାଏ । ତେବେ ସୁନା ଦାନ୍ତର ମୂଲ୍ୟ ମଧ ସୁନା ମୂଲ୍ୟ ଅନୁଯାୟୀ ବଦଳିଥାଏ । ଏକ ରିପୋର୍ଟ ଅନୁଯାୟୀ, ସୁନା ଦାନ୍ତର ମୂଲ୍ୟ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି।

# ଟିକେ ଟିକେ କଥାରେ ରାଗୁଛନ୍ତି କି ? ଶରୀରରେ ହୋଇଥାଇପାରେ ଏହାର ଅଭାବ...



ହସିବା, କାନ୍ଦିବା କି ରାଗିବା ଏହା ଆମ ଭାବନା ଉପରେ ନିର୍ଭର କରେ । ପରିସ୍ଥିତି ଅନୁଯାୟୀ ଏହା ବଦଳେ । କିନ୍ତୁ ଏହା ପଛରେ ମଧ ରହିଥାଏ ହରମୋନାଲ କାରଣ । କୌଣସି କଥା ଖରାପ ଲାଗିବା ପରେ ରାଗିବା ସ୍ୱାଭବିକ । କିନ୍ତୁ ଯଦି ବାରମ୍ବାର ରାଗ ଆସୁଛି ତେବେ ଆପଣଙ୍କ ଶରୀର ମଧରେ କିଛି ଅଭାବ ରହିଛି । ବିଶେଷଜ୍ଞଙ୍କ ଅନୁଯାୟୀ, ଶରୀରରେ ରହିଥାଏ ସେରୋଟୋନିନ୍ ନାମକ ଏକ ହରମୋନ୍ । ଯାହା ମସ୍ତିଷ୍କକୁ ଶାନ୍ତ ରଖି ଖୁସି ଅନୁଭବ କରାଇଥାଏ । କିନ୍ତୁ ଶରୀରରେ ଏହାର ଅଭାବ ଯୋଗୁଁ ଦେଖାଯାଏ ଖରାପ ମୁଡ୍ର ସମସ୍ୟା । ଶରୀରରେ ସେରୋଟୋନିନ୍ ବୃଦ୍ଧି କରିବାକୁ, ଦୈନିକ ବ୍ୟାୟାମ, ମେଡିଟେସନ୍ ଏବଂ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ଏହାବ୍ୟତୀତ ଲାଇଟ୍ ଗୀତ ଶୁଣନ୍ତୁ, କିଛି ଥଟ୍ଟାମଜା କରନ୍ତୁ, ନିଜ ପସନ୍ଦର କାମ କରନ୍ତୁ । ରାଗ କାରଣରୁ ମାନସିକ ସହ ଶାରୀରିକ ସ୍ୱାସ୍ଥ୍ୟ ମଧ ପ୍ରଭାବିତ ହୁଏ । ଏଥିଯୋଗୁଁ ଷ୍ଟ୍ରେସ୍ ବଢିଥାଏ । ଆଉ ନିଦ ହେବାରେ ଦେଖାଦେଇଥାଏ ସମସ୍ୟା । ସେରୋଟୋନିନ୍ ବ୍ୟତୀତ, ଅକ୍ସିଟୋସିନ୍, ଏଣ୍ଡୋରଫିନ୍ ହରମୋନ୍ ମଧ ଖୁସିରେ ରହିବାରେ କରିଥାନ୍ତି ସାହାଯ୍ୟ ।

# ମସ୍ତିଷ୍କର ସ୍ୱାସ୍ଥ୍ୟ



ଅନେକଙ୍କ କ୍ଷେତ୍ରରେ ବୟସ ବଢ଼ିବା ସହ ମସ୍ତିଷ୍କର କାର୍ଯ୍ୟ ଦକ୍ଷତା କମେ ଏବଂ ସ୍ମୃତିଶକ୍ତି ହ୍ରାସପାଏ। ତେବେ, ଜଣେ ଚାହିଁଲେ ବେଳ ଥିବା ବେଳ, ଖାଦ୍ୟ ଓ ଜୀବନ ଶୈଳୀରେ ପରିବର୍ତନ ଆଣି, ମସ୍ତିଷ୍କର ସାମର୍ଥ୍ୟକୁ ଅନେକ ଦିନ ପର୍ଯ୍ୟନ୍ତ ଅତୁଟ ରଖିପାରେ।

ଖାଦ୍ୟ: ପଚାଶ ପରେ ଅଧିକ ସ୍ନେହସାର ଯୁକ୍ତ ଖାଦ୍ୟ ମସ୍ତିଷ୍କର ସ୍ୱାସ୍ଥ୍ୟ ନଷ୍ଟକରେ। ଜଟିଳ ଶ୍ୱେତସାର ଜାତୀୟ ଖାଦ୍ୟ ଯଥା ଆଳୁ, ସଂପୂର୍ଣ୍ଣ ଶସ୍ୟ ସହ ଓମେଗା-୩ ଥିବା ମାଛ, ଫଳ-ମୂଳ ଓ ପନିପରିବା ନିୟମିତ ଖାଆନ୍ତୁ।

ସୁରା ଓ ଧୂମପାନ: ଦିନରେ ଦୁଇ ପେଗରୁ ଅଧିକ ସୁରାପାନ କରନ୍ତୁ ନାହିଁ। କୌଣସି ପ୍ରକାରର ଅବୈଧ ନିଶା ଦ୍ରବ୍ୟ ସେବନ କରନ୍ତୁ ନାହିଁ। ଧୂମପାନ ସଂପୂର୍ଣ୍ଣ ପରିତ୍ୟାଗ କରନ୍ତୁ।



ବ୍ୟାୟାମ: ବ୍ୟାୟାମ କରୁନଥିବା ଲୋକଙ୍କ ମସ୍ତିଷ୍କର କାଯ୍ୟଦକ୍ଷତା ଶୀଘ୍ର ହ୍ରାସପାଏ। ୬୦-୭୫ ବର୍ଷ ବୟସ୍କ ବ୍ୟକ୍ତିମାନେ ଦୈନିକ ଘଂଟେରୁ ଦେଢ଼ଘଂଟା ଏରୋବିକ ବ୍ୟାୟାମ କରିବା ଉଚିତ। ଯେଉଁମାନେ ପୂର୍ବରୁ କୌଣସି ବ୍ୟାୟାମ କରି ନଥିବେ, ସେମାନେ ଚିକିତ୍ସକଙ୍କ ପରାମର୍ଶ ନେଇ ବ୍ୟାୟାମ ଆରମ୍ଭ କରନ୍ତୁ। ସର୍ବଦା ପ୍ରଶିକ୍ଷକଙ୍କ ଉପସ୍ଥିତିରେ ବ୍ୟାୟାମ କରନ୍ତୁ।

ଔଷଧ: ବୟସ ବିବା ସହ ଔଷଧର ଆବଶ୍ୟକତା ବଢ଼େ। ବୟସ୍କଙ୍କ କ୍ଷେତ୍ରରେ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ଅଧିକ। ଏହା ଜାଣି ନପାରିଲେ ବିପଦ। ତେଣୁ ମନଇଚ୍ଛା ଔଷଧ ଖାଇବା ତଥା ଚିକିତ୍ସକଙ୍କ ପରାମର୍ଶ ନନେଇ ଔଷଧ ବଦଳାଇବା ଅନୁଚିତ।

ଅବସାଦ: ମାନସିକ ଅବସାଦ ମସ୍ତିଷ୍କର ସ୍ୱାସ୍ଥ୍ୟ ନଷ୍ଟ କଲେ ଚିକିତ୍ସା ନକଲେ ଅବସାଦ କ୍ରମଶଃ ବଢ଼ି ଗୁରୁତର ପରିସ୍ଥିତି ସୃଷ୍ଟି କରେ। ତେଣୁ ମନରେ ସ୍ୱାସ୍ଥ୍ୟ ଅତୁଟ ରଖିବାକୁ ଚେଷ୍ଟା କରନ୍ତୁ।

## ଗ୍ୟାସର ଉପଚାର

- ଗୁଣ୍ଡ ଅଦା ପାଣିରେ ଫୁଟାଇ ଅଦା ଚା ମଧ୍ୟ ପ୍ରସ୍ତୁତ କରାଯାଇପାରିବ। ଉକ୍ତ ଅଦା ଚା' ଦିନକୁ ୨ରୁ ୩ଥର ପିଇଲେ ଗ୍ୟାସ ସମସ୍ୟା ଦୂର ହୋଇପାରିବ। ତାହା ସହିତ ଅନ୍ୟ କିଛି ତେଲ ସହିତ ଦୁଇ ତିନିଟୋପା ଅଦାତେଲ ମିଶାଇ ତାହାକୁ ବାହାରପଟେ ପାକସ୍ଥଳୀରେ ମାଲିସ କରାଯାଇପାରିବ।



- ଖାଇବା ସୋଡ଼ା ଗ୍ୟାସରୁ ତୁରନ୍ତ ଆରାମ ଦେଇଥାଏ। ଏକ ଗ୍ଲାସ ପାଣିରେ ଚାମଚରୁ ଚାରିଭାଗରୁ ଏକ ଭାଗ ଖାଇବା ସୋଡ଼ା ମିଶାଇ ପିଇଲେ ଗ୍ୟାସ ଦୂରହେବ। ଚିମୁଟାଏ ଖାଇବା ସୋଡ଼ାକୁ ଏକ ଗ୍ଲାସରେ ଲେମ୍ବୁରସ ସହିତ ମିଶାଇ ସେଥିରେ ପାଣି ମିଶାନ୍ତୁ। ଏହା ମଧ୍ୟ ଆଣ୍ଟାସିଡ଼ ଭଳି କାମ କରିବ।

- ଅପଲ ସାଇଡ଼ର ଭିନେଗାରୁ ୨ ଚାମଚ ଏକ ଗ୍ଲାସ ଉଷୁମ ପାଣିରେ ମିଶାଇ ତାହାକୁ ଥଣ୍ଡା ହେବାକୁ ଦିଅନ୍ତୁ। ଏହା ପିଇଲେ ଗ୍ୟାସ ସମସ୍ୟା ଦୂରହେବ।

- କିଛି ଡାଲଚିନିକୁ ପାଣିରେ ସିଝାଇ ତାହାକୁ ଥଣ୍ଡା ହେବାକୁ ଦିଅନ୍ତୁ। ତାହା ପିଇଲେ ଗ୍ୟାସ ସମସ୍ୟା ଦୂର ହୋଇପାରିବ।

# ଚଷମାବାଲୀଙ୍କ ପାଇଁ ମେକ୍-ଅପ୍ ଟିପ୍ସ



ଅନେକ ଚଷମାକୁ ମହିଳାଙ୍କ ସୌନ୍ଦର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧ ମନେକରନ୍ତି। ତେବେ ଏହି ଧାରଣା ଭ୍ରମାତ୍ମକ। ଚଷମା ପିନ୍ଧୁଥିଲେ ବି ମେକ-ଅପ ନେବାରେ କୌଣସି ସମସ୍ୟା ନାହିଁ। କେବଳ ଠିକ୍ ଭାବେ ମେକଅପ ନେଇପାରିଲେ ହେଲା; ଚମକିବେ। କେତେକ ଟିପ୍ସ:

- ଆଖିରେ ଦଇ ପରସ୍ତ ମସ୍‌କାରା ସହ ଆଇଲେସ୍ ବ୍ୟବହାର କରନ୍ତୁ।
- ନିୟମିତ ବ୍ୟବଧାନରେ ଭ୍ରୁଲତାର ଥ୍ରେଡିଂ କରାନ୍ତୁ। ମୋଟା ଫ୍ରେମ୍‌ବାଲା ବଡ଼ ଚଷମା ପିନ୍ଧୁଥିଲେ, ଭ୍ରୁଲତା ପତଳା ରଖନ୍ତୁ ଏବଂ ବିପରୀତ ପିନ୍ଧୁଥିଲେ ମୋଟା ରଖନ୍ତୁ।
- ଆଖିକୁ ଧୂମ୍ରାଭ (ସ୍ମୋକି ଆଇ) ଦେଖାଇବା ପାଇଁ ଦୁଇ ପରସ୍ତ ଆଇଲାଇନର ସହ ପତାରେ ଅଳ୍ପ ସ୍ମକ୍ ବ୍ୟବହାର କରନ୍ତୁ।
- ଚଷମା ପିନ୍ଧୁଥିବା ମହିଳାଙ୍କ ଆଖି ତଳେ, କଡ଼ରେ କଳା ଦାଗ ଦିଶିବା ସାଧାରଣ। ଏହା ଦ୍ୱାରା ବିଚଳିତ ନହୋଇ କନ୍‌ସିଲର୍ ବ୍ୟବହାର କରନ୍ତୁ।
- କଳା ପେନସିଲ୍ ଲାଇନର୍ ପାଖରେ ରଖନ୍ତୁ।
- ଚଷମାବାଲୀମାନେ ଲିପଷ୍ଟିକ, ଲିପଗ୍ଲସ ଓ ବ୍ଲସର ବ୍ୟବହାର କରିବାକୁ ଭୟ କରନ୍ତୁ ନାହିଁ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
୨୫ ମାର୍ଚ୍ଚ ୨୦୨୫, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅବାଧ ଅପରାଧ

ଗାନ୍ଧିଜୀ ଯେଉଁ ସ୍ୱାଧୀନ ଭାରତର ସ୍ୱପ୍ନ ଦେଖିଥିଲେ ସେଠାରେ ମହିଳାଜଣେ ଏକୁଟିଆ ରାତିରେ ରାଜରାସ୍ତାରେ ସୁରକ୍ଷିତ ଭାବେ ଯାଇ ପୁଣି ଘରକୁ ଫେରିପାରୁଥିବ। ସ୍ୱାଧୀନତାର ୭୮ ବର୍ଷ ପରେ ଜାତିରପିତାଙ୍କ ସେହି ସ୍ୱପ୍ନ କେତେ ଫଳବତୀ ହୋଇଛି ତାହା ଖବରକାଗଜମାନଙ୍କରେ ପ୍ରତିଦିନ ପ୍ରକାଶ ପାଉଥିବା ଅପରାଧ ପୃଷ୍ଠାରୁ ପ୍ରମାଣିତ ହୋଇପାରିବ। ମହିଳାଙ୍କ କଥା ଦୂରେ ଥାଉ ହୃଷ୍ଟପୁଷ୍ଟ ଯୁବକଟିଏ ମଧ୍ୟ ଘରୁ ପାଦ କାଢ଼ି ପୁଣି ଘରକୁ ଫେରିବା ଆଜିର ଦିନରେ ନିଶ୍ଚିତ କରିହେଉନାହିଁ। ଅପରାଧର କାୟା ଏତେ ବିସ୍ତାରିତ ଓ ରୂପ ଏତେ ବିକଟାଳ ହୋଇସାରିଛି ଯେ ପୁତ୍ର ପିତାକୁ, ଛାତ୍ର ଶିକ୍ଷକକୁ, ସ୍ତ୍ରୀ ସ୍ୱାମୀକୁ ହତ୍ୟା କରିବା ଆଜିକାଲିର ଏକ ସାଧାରଣ ଘଟଣା ଭାବେ ଧରାଯାଉଛି। ଅପରାଧ ଆଗରେ ପାରିବାରିକ କିମ୍ବା ଭାବଗତ ସମ୍ପର୍କ ତୁଚ୍ଛ ହୋଇସାରିଛି। ସେହିପରି ହତ୍ୟାର ମାଧ୍ୟମ ଆଉ ଠେଙ୍ଗା, ଛୁରି, ଖଣ୍ଡାରେ ସୀମିତ ରହିନାହିଁ। କଥାକଥାକେ ଗୁଳି ଫୁଟୁଛି, ବୋମାର ଗର୍ଜନ ଶୁଣିବାକୁ ମିଳୁଛି। ଅପରାଧ ମଧ୍ୟ ବୟସର ସୀମା ମଧ୍ୟରେ ସୀମିତ ହୋଇ ରହିନାହିଁ। ଛଅ ବର୍ଷର କୋମଳମତି ଶିଶୁଟିଏ କେତେବେଳେ ଅପରାଧୀ ସାଜୁଛି ତ ଅଶୀତପରେ ହତ୍ୟାକାରୀ ଭାବେ କୋର୍ଟଚାଲାଣ ଭଳି ଘଟଣା ଦେଖିବାକୁ ଓ ଶୁଣିବାକୁ ମିଳୁଛି। ପରିସ୍ଥିତି ଏପରି ମଧ୍ୟ ହୋଇଛି ଯେ କେଉଁଠି ବାଲ୍‌ଟିଏ ପାଣି ପାଇଁ କିଏ କାହାକୁ ହତ୍ୟା କରୁଛି ତ ସ୍କୁଲ୍ ଛାତ୍ରଟିଏ ସହପାଠୀକୁ ହତ୍ୟା କରିବାର ଷଡ଼ଯନ୍ତ୍ର କରୁଛି। ଏପରିକି ଜାମିନ ମଞ୍ଜୁର କରିଥିବା ବିଚାରପତି ମଧ୍ୟ ସମ୍ପୃକ୍ତ ଜେଲ୍‌ଫେରନ୍ତା ବିଚାରାଧୀନ ଅଭିଯୁକ୍ତଟିର ଅପରାଧର ଶିକାର ହେଉଛନ୍ତି। ସମାଜରେ ଅପରାଧ, ହିଂସା, ରକ୍ତପାତ, ହତ୍ୟା ଆଦି ପ୍ରବଣତା ବଢ଼ିବା ପଛରେ ମନସ୍ତତ୍ତ୍ୱବିତ୍‌ମାନେ ଯେଉଁସବୁ କାରଣ ଦର୍ଶାଉଛନ୍ତି, ତାହା ଯେତିକି ଗମ୍ଭୀର ତା'ର ନିରାକରଣ ସମ୍ଭାବନା ତା'ଠାରୁ ଅଧିକ ଉଦ୍‌ବେଗଜନକ। ଅପରାଧ ବା ହିଂସା ମୂଳରେ ରହିଛି ନିଶା। ନିଶାସକ୍ତର ହିତାହିତ ଜ୍ଞାନ ରହୁ ନଥିବାରୁ ତା' ଆଗରେ ପର-ନିଜର, ଧର୍ମ-ଅଧର୍ମ, ନ୍ୟାୟ-ଅନ୍ୟାୟ, ଉଚିତ-ଅନୁଚିତ ଆଦି ଗୌଣ ହୋଇପଡୁଛି। ସରକାରଙ୍କ ରାଜସ୍ୱ ସଂଗ୍ରହ ଆତୁରତା ବଢ଼ିବା ସହିତ ମନ୍ଦିର, ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ ଆଦି ନିଷିଦ୍ଧାଞ୍ଚଳ ନିକଟରେ ମଧ୍ୟ ମଦ ଦୋକାନର ପ୍ରାବଲ୍ୟ ବଢ଼ିବାରେ ଲାଗିଛି। ଯେଉଁଠି ସରକାରଙ୍କୁ ରାଜସ୍ୱ ସଂଗ୍ରହ ନିଶା ଘାରିଛି ସେଠାରେ ମଦ ଦୋକାନକୁ ବନ୍ଦ କରିବ କିଏ? ତେଣୁ ପ୍ରାୟ ସବୁ ଅପରାଧର ସହିତ ଜଡ଼ିତ ଅଭିଯୁକ୍ତ ନିଶାସକ୍ତ ହୋଇଥିବାର ପ୍ରମାଣ ମିଳୁଛି। ଆଉ ଦୁଇପାଦ ଯାଇ ଡ୍ରଗ୍ସ, କୋକେନ୍, ଚରସ୍, ବ୍ରାଉନସୁଗରର ମଧ୍ୟ ଅବାଧ ବିକ୍ରି ଚାଲିଛି, ଯାହା ଅପରାଧପ୍ରବଣତାକୁ ଆହୁରି ସଙ୍ଗିନ କରୁଛି। ସମାଜରେ ବଢ଼ିଚାଲିଥିବା ଅପରାଧପ୍ରବଣତା ପଛର ଆଉ ଏକ କାରଣ ହେଉଛି ସାମାଜିକ ଗଣମାଧ୍ୟମର ଉଚ୍ଛାଟ ଓ ଅତିଶୟୋକ୍ତି ଖବର ପ୍ରସାରଣ। ସୁଖ, ସ୍ୱାଚ୍ଛନ୍ଦ୍ୟ, ବିଳାସପୂର୍ଣ୍ଣ, ଚାକଚକ୍ୟ ଭରା ଯେଉଁ ଦୁନିଆର ଅବତାରଣା ଗଣମାଧ୍ୟମରେ ହେଉଛି ସେଥିରୁ ସମାଜରେ ଏକ ହୀନମନ୍ୟତା ଭାବ ଜନ୍ମ ନେଉଛି। ଅବହେଳିତ ଓ ବଞ୍ଚିତ ବର୍ଗ ନିଜକୁ ତଥାକଥିତ ଆଭିଜାତ୍ୟ ବର୍ଗ ସହିତ ତୁଳନା କରି ହତୋତ୍ସାହିତ ଓ ଅବସାଦଗ୍ରସ୍ତ ହେଉଛି। ଯେନତେନ ପ୍ରକାରେଣ, ରାତାରାତି ସେହି ମାୟାଦୁନିଆକୁ ଛୁଇଁବାର ଉଚ୍ଚାକାଂକ୍ଷା ଛୋଟ ଅଥଚ ଜଟିଳ ରାସ୍ତାଟିଏ ଆବିଷ୍କାର କରୁଛି, ଯେଉଁଠାରେ ଅପରାଧ ହିଁ ସିଡ଼ି ବା ମାଧ୍ୟମ ହେଉଛି। ବସ୍ତିରେ ରହୁଥିବା ଅବହେଳିତ ବର୍ଗରୁ ଉଚ୍ଚଶିକ୍ଷିତ ଯୁବବର୍ଗ ଏହି ପଥର ଯାତ୍ରୀ ହୋଇସାରିଛନ୍ତି। ଏହାଛଡ଼ା ପରିବେଶ କିଭଳି ଅପରାଧ ଓ ଅପରାଧୀ ସୃଷ୍ଟି କରୁଛି ତାହା ଉଲ୍ଲେଖ କଲା ବେଳେ ସେହି ପରିଚିତ ଗଳ୍ପର ସାମାନ୍ୟ ଉଦ୍ଧୃତି ପ୍ରାସଙ୍ଗିକ ହେବ, ଯେଉଁଠାରେ – ରାଜାଙ୍କ ଆଦେଶରେ ରାଜ୍ୟର ସର୍ବଶ୍ରେଷ୍ଠ ଚିତ୍ରକର ଏକ ନିଷ୍ପାପ ସରଳ ମୁଖର ଚିତ୍ର ଆଙ୍କିବା ପାଇଁ ବହୁ ଅନୁସନ୍ଧାନ ପରେ ଜଣେ ଦେବସୁଲଭ ଶିଶୁଙ୍କୁ ଆବିଷ୍କାର କଲେ ଏବଂ ସେହି ଶିଶୁଙ୍କୁ ଆଗରେ ରଖି ଯେଉଁ ଚିତ୍ରଟି ଆଙ୍କିଲେ ତାହା ଥିଲା ସେ ସମୟର ସର୍ବଶ୍ରେଷ୍ଠ କୃତି। କିଛିବର୍ଷ ପରେ ରାଜାଦେଶରେ ସେହି ଚିତ୍ରକର ଜଣକ ସବୁଠାରୁ ଭୟଙ୍କର ମୁଖର ଚିତ୍ରଟିଏ ଆଙ୍କିବାକୁ ବିଭିନ୍ନ ଜେଲ୍ ଖାନା ବୁଲିବା ପରେ ଶେଷରେ ସେ ଚାହୁଁଥିବା ଭଳି ଜଣେ କଏଦୀଙ୍କୁ ପାଇଲେ। ତାଙ୍କୁ ଆଗରେ ରଖି ଭୟାନକ ଚେହେରାର ଚିତ୍ର ଆଙ୍କୁଥିବା ବେଳେ କଏଦୀ ଜଣକ କାନ୍ଦୁଥିବାର ଦେଖି ଚିତ୍ରକର ତାହାର କାରଣ ପଚାରି ଜାଣିପାରିଲେ ଯେ ନିଷ୍ପାପ କୋମଳ ମୁଖର ଚିତ୍ର ପାଇଁ ସେଦିନ ମଡେଲ୍ ସାଜିଥିବା ସେହି ଶିଶୁ ଜଣକ ହିଁ ଏବେ ତାଙ୍କ ସାମ୍ନାରେ ଭୟାନକ ମୁଖ ଓ ଚକ୍ଷୁଧାରୀ ମଡେଲ୍ ଭାବେ ବସିଛନ୍ତି।' ତେଣୁ ଜନ୍ମରୁ କେହି ଅପରାଧୀ ହୋଇ ନଥା'ନ୍ତି। ପରିସ୍ଥିତି ଓ ପରିବେଶ ଜଣକୁ ସାଧୁ କିମ୍ବା ଅପରାଧୀ କରିବା ପାଇଁ ଦାୟୀ। ଅନେକ ସମୟରେ ପାରିବାରିକ ସମ୍ପର୍କ, ଆର୍ଥିକ ସ୍ଥିତି, ସାମାଜିକ ପ୍ରତିଷ୍ଠା ମଧ୍ୟ ଅପରାଧର ପୃଷ୍ଠଭୂମି ହେଉଥିବାର ଉଦାହରଣ ବହୁଳ।

# ପାପମୋଚନ କରୁଥିବା ଏକାଦଶୀ ବ୍ରତ



**ତପନ କୁମାର ପାଳ**

ହିନ୍ଦୁଧର୍ମରେ ବର୍ଷକୁ ୨୪ଟି ଏକାଦଶୀ ପାଳନ କରିବାର ପରମ୍ପରା ରହିଛି। ଚୈତ୍ରମାସର କୃଷ୍ଣ ପକ୍ଷ ଏକାଦଶୀକୁ ପାପମୋଚନୀ ଏକାଦଶୀ କୁହାଯାଏ। ମାନ୍ୟତା ଅନୁଯାୟୀ ଏହି ଦିନ ଯେଉଁ ମନୁଷ୍ୟ ଭକ୍ତି ଭାବରେ ବ୍ରତ ରଖିଥାଏ, ତାର ସମସ୍ତ ପାପ ନଷ୍ଟ ହୋଇଯାଏ। ଏଥର ଏହି ଏକାଦଶୀ ୧୩ ମାର୍ଚ୍ଚରେ ପଡୁଛି। ଏହି ଏକାଦଶୀ ପାପକୁ ନଷ୍ଟ କରିବା ସହିତ ମନୁଷ୍ୟ ପୂଣ୍ୟର ଅଧିକାରୀ କରିଥାଏ। ବ୍ରତଧାରୀମାନଙ୍କ ପାଇଁ ମୋକ୍ଷର ଦ୍ୱାର ଖୋଲିଯାଇଥାଏ। ଏହି ଏକାଦଶୀର ମହତ୍ତ୍ୱ ବିଷୟରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିଲେ। ଏହି ଏକାଦଶୀ ବିଷୟରେ ଶ୍ରୀକୃଷ୍ଣ କହିଛନ୍ତି ଯେ ଯେଉଁ ମନୁଷ୍ୟ କୃଷ୍ଣ ପକ୍ଷ ଏକାଦଶୀ ବ୍ରତ ରଖିଥାଏ ତାର ଜନ୍ମଜନ୍ମାନ୍ତର ପାପ ନଷ୍ଟ ହୋଇଯାଏ। ଏହି ଏକାଦଶୀ ଦିନ ଭକ୍ତକୁ ଭଗବାନ ବିଷ୍ଣୁଙ୍କ ପୂଜା କରିବା ଆବଶ୍ୟକ। ଏପରି କରିବା ଦ୍ୱାରା ଭଗବାନଙ୍କ ଆଶୀର୍ବାଦ ମିଳିଥାଏ। ଥରେ ଜଣେ ଋଷି କଠୋର ତପସ୍ୟାରେ ଲୀନ ଥିଲେ। ତାଙ୍କର ତପସ୍ୟା ପ୍ରଭାବ ଦେଖି ଦେବରାଜ ଇନ୍ଦ୍ର ଭୟଭୀତ ହୋଇପଡ଼ିଲେ। ଋଷିଙ୍କ ତପସ୍ୟା ଭଙ୍ଗ କରିବା ଲାଗି ଇନ୍ଦ୍ର ମଞ୍ଜୁଘୋଷା ନାମ୍ନୀ ଅପସରାକୁ ପଠାଇଲେ। ମେଧାବୀ ଋଷି ଅପସରାର ହାବଭାବ ଦେଖି ମୁଗ୍ଧ ହୋଇଗଲେ।

ମେଧାବୀ ଋଷି ଶିବଭକ୍ତି ଛାଡ଼ି ମଞ୍ଜୁଘୋଷା ସହିତ ରହିବାକୁ ଲାଗିଲେ। ଅନେକ ବର୍ଷ ବିତିଯିବା ପରେ ମଞ୍ଜୁଘୋଷା ସ୍ୱର୍ଗକୁ ଫେରିଯିବା ଲାଗି ଋଷିଙ୍କ ଆଜ୍ଞା ଚାହିଁଲେ। ଏହି ସମୟରେ ଋଷିଙ୍କର ଭକ୍ତମାର୍ଗରୁ ହଟିବାର ବୋଧ ହେଲା ଏବଂ ନିଜ ପ୍ରତି ଗ୍ଲାନି ଉତ୍ପନ୍ନ ହେଲା। ଋଷିଙ୍କ ଧର୍ମଭ୍ରଷ୍ଟ କରିଥିବାରୁ ଅପସରାକୁ ସେ ଅଭିଶାପ ଦେଲେ। ଅଭିଶାପ ଫଳରେ ଅପସରା ପିଶାଚିନୀରେ ପରିଣତ ହେଲା। ସେ ନିଜର ଅବସ୍ଥା ପାଇଁ ଦୁଃଖିତ ହେଲା ଏବଂ ଅଭିଶାପରୁ ମୁକ୍ତି ନିମନ୍ତେ ଋଷିଙ୍କୁ ପ୍ରାର୍ଥନା କଲା। ସେହି ସମୟରେ ଦେବର୍ଷି ନାରଦ ସେଠାକୁ ଆସିଲେ ଏବଂ ଅପସରା ଏବଂ ଋଷି ଉଭୟଙ୍କୁ ପାପରୁ ମୁକ୍ତି ଲାଗି ପାପମୋଚିନୀ ଏକାଦଶୀ ବ୍ରତ କରିବା ଲାଗି ପରାମର୍ଶ ଦେଲେ। ନାରଦଙ୍କ ଦ୍ୱାରା କୁହାଯାଇଥିବା ମାର୍ଗରେ ବିଧିବିଧାନ ପୂର୍ବକ ଉଭୟ ପାପମୋଚନୀ ଏକାଦଶୀ ବ୍ରତ କଲେ ଯାହାଦ୍ୱାରା ସେମାନଙ୍କ ପାପମୋଚନ ହୋଇଥିଲା। ଋଷି ପୁଣିଥରେ ନିଜର ତପୋବନ ଫେରିପାଇଲେ ଏବଂ ଅପସରା ଅଭିଶାପ ମୁକ୍ତ ହୋଇ ପିଶାଚିନୀ ଯୋନିରୁ ଅପସରା ଯୋନିରେ ପ୍ରକଟ ହେଲା। ଶାସ୍ତ୍ରରେ କୁହାଯାଇଛି ଯେ ଏହି ଏକାଦଶୀ ବ୍ରତ କଥା ପଢ଼ିଲେ ଏବଂ ଶୁଣିଲେ ଏକ ହଜାର ଗୋଦାନର ପୂଣ୍ୟଫଳ ମିଳିଥାଏ। ବ୍ରହ୍ମହତ୍ୟା, ସୁବର୍ଣ୍ଣ ଚୋରି ଏବଂ ସୁରାପାନ କରୁଥିବା ମହାପାପୀ ମଧ୍ୟ ଏହି ବ୍ରତ କରି ପାପମୁକ୍ତ ହୋଇଯାନ୍ତି। ଏହି ବ୍ରତ ଅତ୍ୟନ୍ତ ପୂଣ୍ୟଦାୟୀ ଅଟେ। ତେବେ ବ୍ରତ ପାଇଁ ନିୟମ ହେଉଛି ପ୍ରାତଃ ସ୍ନାନ କରି ଉଠିବା ପରେ ଭଗବାନ ବିଷ୍ଣୁଙ୍କ ପୂଜା କରିବା ଉଚିତ। ଘିଅର ଦୀପ ଜଳାଇବା ଉଚିତ। ଭଗବାନ ବିଷ୍ଣୁଙ୍କୁ ଅଜାଣତରେ ହୋଇଥିବା ପାପ ଲାଗି ପ୍ରାର୍ଥନା କରିବା ଆବଶ୍ୟକ। ଯେତେ ଅଧିକ ସମ୍ଭବ ଓମ ନମୋ ଭଗବତେ ବାସୁଦେବାୟ ମନ୍ତ୍ରର ଜପ କରନ୍ତୁ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ
କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ,
ଦୂରଭାଷ : ୯୯୩୭୬୫୮୩୬୨
/ ୭୯୭୮୭୯୬୬୩୩

# ଶିକ୍ଷାନୀତିରେ ବାଲ୍ ବାଟିକା



**ଶ୍ରୀବତ୍ସ ନାୟକ**

ଶିକ୍ଷାର୍ଥୀ ମାନଙ୍କର ମାନସିକ, ଭୌତିକ, ଆଧାତ୍ମିକ, ସାଂସ୍କୃତିକ ଓ ସାମାଜିକ ବିକାଶ ସହିତ ଆର୍ଥିକ ପ୍ରଗତି ମାଧ୍ୟମରେ ଏକ ସୁସ୍ଥ ସମୃଦ୍ଧ ରାଷ୍ଟ୍ର ନିର୍ମାଣ ନିମନ୍ତେ ଦେବଭୂମି ଭାରତ ବର୍ଷରେ ପ୍ରାଚୀନ କାଳରୁ ଏକ ସୁଦୃଢ, ସୁଚିନ୍ତିତ, ସୁସଂଗଠିତ ଓ ସୁସଂଯତ ଶିକ୍ଷା ବ୍ୟବସ୍ଥା ପ୍ରଚଳିତ ହୋଇ ଆସୁଅଛି । ଶିକ୍ଷା ମାଧ୍ୟମରେ ଦେଶର ପ୍ରଗତିର ଗୁରୁତ୍ୱକୁ ଉପଲବ୍ଧି କରି ଭାରତ ବିଭିନ୍ନ ସମୟରେ ଯୁଗପଯୋଗୀ ଶିକ୍ଷା ବ୍ୟବସ୍ଥାମାନ ପ୍ରଣୟନ କରି ବିଶ୍ୱଗୁରୁ ଆଡ଼କୁ ଅଗ୍ରସର ହେଉଅଛି । ଅଧୁନା ଭାରତ ସରକାର ଶିକ୍ଷାକୁ ସର୍ବବ୍ୟାପୀ ଏବଂ ସର୍ବସ୍ପର୍ଶୀ କରି ଭାରତକୁ ଜ୍ଞାନର ମହାଶକ୍ତିରେ ପରିଣତ କରିବା ପାଇଁ ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରଣୟନ କରିଛନ୍ତି ।

ଯେପରି ଆଜିର ଅଙ୍କୁର କାଲି ହୁଏ ବିଶାଳ ଦ୍ରୁମ ଠିକ୍ ସେହିପରି ଆଜିର ଅସହାୟ ଶିଶୁ ଆସନ୍ତା କାଲିର ଭାବୀ ମାନବ । ଜୀବନ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା । ଶିଶୁର ଜୀବନ ଭ୍ରୁଣ ସଂଚାର ଠାରୁ ଆରମ୍ଭ ହୋଇଥାଏ । ଭ୍ରୁଣ ସଂଚାର ଠାରୁ ଆରମ୍ଭ କରି ପରିପକ୍ୱ ପର୍ଯ୍ୟନ୍ତ ମାନବ ଜୀବନର ବୃଦ୍ଧି ଅବିରାମ ଗତିରେ ଚାଲୁଥାଏ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିକାଶର ଧାରା କେତେକ ପର୍ଯ୍ୟାୟ ମାଧ୍ୟମରେ ଗତିଶୀଳ । ଏତଦ୍ ବ୍ୟତୀତ ବିକାଶର କେତେକ ସମୟ ରହିଛି ଏବଂ ସେହି ନିର୍ଦ୍ଦିଷ୍ଟ ସମୟ ଗୁଡ଼ିକରେ ଶିଶୁଠାରେ ସ୍ୱତନ୍ତ୍ର ବ୍ୟବହାର ଓ ବୈଶିଷ୍ଟ୍ୟମାନ ପରିଲକ୍ଷିତ ହୁଏ ,ଯାହାକୁ ପର୍ଯ୍ୟାୟ ବୋଲି କୁହାଯାଏ । ମଣିଷର ଜୀବନ କାଳ ଭୃଣାବସ୍ଥା ଭ୍ରୁଣ ସଂଚାର ଠାରୁ ଭୂମିଷ୍ଠ ହେବା ପର୍ଯ୍ୟନ୍ତ), ଶୈଶବାବସ୍ଥା(ଜନ୍ମ ଠାରୁ ୬ ବର୍ଷ), ବାଲ୍ୟାବସ୍ଥା (୭ରୁ ୧୨ ବର୍ଷ), କୈଶୋରବସ୍ଥା( ୧୩ ରୁ ୧୯ ବର୍ଷ) ଏବଂ ପ୍ରୌଢ଼ାବସ୍ଥା ଓ ବୃଦ୍ଧାବସ୍ଥା (୨୦ ବର୍ଷରୁ ମୃତ୍ୟୁ ପର୍ଯ୍ୟନ୍ତ) ଦେଇ ଗତି କରିଥାଏ । ଶିଶୁର ବିକାଶ, ସ୍ୱାସ୍ଥ୍ୟ, କଲ୍ୟାଣ ଏବଂ ଜୀବନ ବ୍ୟାପୀ ଶିକ୍ଷା ନିମନ୍ତେ ଶିଶୁର ପ୍ରାରମ୍ଭିକ ଶୈଶବ ବର୍ଷ(ଜୀବନର ପ୍ରଥମ ୬ବର୍ଷ)ରେ ମଜଭୁତ ଭିତ୍ତିଭୂମି ନିର୍ମିତ ହୁଏ । ଜୀବନର ଅନ୍ୟ ପର୍ଯ୍ୟାୟ ଗୁଡ଼ିକ ଅପେକ୍ଷା ପ୍ରାରମ୍ଭିକ ଶୈଶବସ୍ଥାରେ ବିକାଶର ହାର ତୁଳନାତ୍ମକ ଭାବେ ଦୃତ ହୋଇଥିବାରୁ ଶିଶୁର ପ୍ରାରମ୍ଭିକ ବର୍ଷଗୁଡ଼ିକ ବେଶ୍ ଗୁରୁତ୍ୱ ବହନ କରିଥାଏ । ଏହି ପର୍ଯ୍ୟାୟରେ ଶିଶୁକୁ ଯଦି ଏକ ଉତ୍ସାହ ଜନକ ଓ ମନୋସାମାଜିକ ପରିବେଶ ନ ମିଳେ ତେବେ ମସ୍ତିଷ୍କର ସଂପୂର୍ଣ୍ଣ କ୍ଷମତା ବିକଶିତ ନହେବାର ଯଥେଷ୍ଟ ସମ୍ଭାବନା ଥାଏ । ତେଣୁ ପଛୁଆ ପୃଷ୍ଠଭୂମିରେ ବହୁ ସଂଖ୍ୟକ ପିଲା ବିପଦରେ ଥାନ୍ତି । ଏହାକୁ ଆଖି ଆଗରେ ରଖି ବିଦ୍ୟାଳୟରେ ପିଲାମାନେ ପ୍ରବେଶ କରିବା ପୂର୍ବରୁ ସେମାନଙ୍କର ଉତ୍ତମ ମାନର ପ୍ରାରମ୍ଭିକ ଶିଶୁ ଯତ୍ନ ଏବଂ ଶିକ୍ଷା ସୁବିଧା ଯୋଗାଇ ଦେବା ପାଇଁ ପ୍ରଥମଥର ଲାଗି ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଜାତୀୟ ଶିକ୍ଷାନୀତି ୨୦୨୦ରେ ବାଲ୍ ବାଟିକା କାର୍ଯ୍ୟକ୍ରମକୁ ଲାଗୁ କରିଛନ୍ତି ସରକାର । ଏହାଦ୍ୱାରା ଯେ କେବଳ ପିଲାମାନଙ୍କର ବିଦ୍ୟାଳୟ ପ୍ରଦର୍ଶନ ଭଲ ହେବ ତାହା ନୁହେଁ ବରଂ ଜୀବନ ବ୍ୟାପୀ ଶିକ୍ଷା ଏବଂ ବିକାଶର ଉପରେ ମଧ୍ୟ ଅନୁକୂଳ ପ୍ରଭାବ ପଡିବ ।

ଲୋକଙ୍କ ସରକାରରେ ଶିକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସନ୍ତା ଶିକ୍ଷା ବର୍ଷର ଆରମ୍ଭରୁ ଅର୍ଥାତ୍ ୨୦୨୫ ମସିହା ଅପ୍ରେଲ ମାସ ୨ ତାରିଖରୁ ଓଡ଼ିଶା ସରକାରଙ୍କ ଅଧିନରେ ଥିବା ୪୫,୦୦୦ ପ୍ରାଥମିକ ବିଦ୍ୟାଳୟରେ ଏକ ଅତିରିକ୍ତ ଶ୍ରେଣୀ ଖୋଲାଯିବା ପାଇଁ ନିଷ୍ପତି ନେଇଛନ୍ତି ରାଜ୍ୟ ସରକାର । ଯାହାକୁ 'ଶିଶୁ ବାଟିକା' ବା 'ବାଲ୍ ବାଟିକା' ନାମରେ ନାମିତ କରାଯାଇଛି । ପ୍ରାକ୍ ବିଦ୍ୟାଳୟ ଶିକ୍ଷା ନିମନ୍ତେ ୩ ରୁ ୬ ବର୍ଷର ପିଲାମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ । ଏଥିନିମନ୍ତେ ଆସନ୍ତା ମାସ ୨ ତାରିଖରେ ସମସ୍ତ ବିଦ୍ୟାଳୟରେ 'ଖଡିଛୁଆଁ' ବା ପ୍ରବେଶ ଉତ୍ସବ ଅଭିଯାନ ପାଳନ କରାଯିବ । ଏଥିରେ ସ୍ଥାନୀୟ ଜନ ପ୍ରତିନିଧି,ସରକାରୀ ଅଧିକାରୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । 'ବାଲ୍ ବାଟିକା' ରେ ଯୋଗ ଦେଇଥିବା ପିଲାମାନଙ୍କର ଅଭିଭାବକ ମାନଙ୍କୁ ଏହି ଅଭିଯାନର ମହତ୍ତ୍ୱ ଉପରେ ସଚେତନତା କାର୍ଯ୍ୟକ୍ରମ ମାର୍ଚ୍ଚ ୧୭ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ କରାଯିବ । ସ୍କୁଲ ବାହାରେ ଥିବା ପିଲାମାନଙ୍କୁ ଚିହ୍ନଟ କରାଯିବା ସହ ଉଚିତ୍ ବୟସରେ ସେମାନଙ୍କର ନାମଲେଖା ଉପରେ ଗୁରୁତ୍ୱାରୋପ କରାଯିବା ପାଇଁ ନିଷ୍ପତି ନେଇଛନ୍ତି ରାଜ୍ୟ ସରକାର । ମସ୍ତିଷ୍କର ପାଖାପାଖି ୮୦ ପ୍ରତିଶତ ବିକାଶ ୬ ବର୍ଷ ପୂର୍ବରୁ ହୋଇଥାଏ ତେଣୁ ପ୍ରାକ୍ ଶୈଶବାବସ୍ଥାରେ ମସ୍ତିଷ୍କର ସୁସ୍ଥ ବିକାଶ ପାଇଁ ଏବଂ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ପାଇଁ ଶିଶୁର ପ୍ରାରମ୍ଭିକ ବର୍ଷଗୁଡ଼ିକରେ ମସ୍ତିଷ୍କର ଉପଯୁକ୍ତ ଯତ୍ନ ନେବା ନିହାତି ଜରୁରୀ । ତେଣୁ ୩ ରୁ ୬ ବର୍ଷର ଶିଶୁମାନେ ଏହି 'ବାଲ୍ ବାଟିକା' ଶ୍ରେଣୀରେ ସକ୍ରିୟ ଅଂଶଗ୍ରହଣ କରିବେ । ଫଳରେ ସେମାନଙ୍କର ପ୍ରାକ୍ ବିଦ୍ୟାଳୟ ଭିତ୍ତିଭୂମି ସ୍ଥାପନ ହୋଇପାରିବ। ଏହି ଅଭିଯାନ ମାଧ୍ୟମରେ ଶିଶୁମାନଙ୍କୁ ମାଗଣା,ସୁରକ୍ଷିତ,ଉଚ୍ଚ ଗୁଣବତ୍ତା ସମ୍ପନ୍ନ ଶିକ୍ଷାଦାନ କରାଯିବାର ବ୍ୟବସ୍ଥା ରହିଛି । ବାଲ୍ ବାଟିକା ଶ୍ରେଣୀରେ ଶିଶୁ ମାନଙ୍କୁ ଜ୍ଞାନଗତ ଦକ୍ଷତା,ଶାରୀରିକ ଦକ୍ଷତା, କୌଶଳ ବିକାଶ,ଜ୍ଞାନାତ୍ମକ ବିକାଶ, ଭାଷା, ସୃଜନଶୀଳତା,ସୌନ୍ଦର୍ଯ୍ୟ ବୋଧ, ସାମାଜିକ ଓ ଭାବନାତ୍ମକ ଦକ୍ଷତା ବିକାଶ ନିମନ୍ତେ ଶିକ୍ଷା ଦାନ କରିବା ସହ ଶିଶୁର ଆଜୀବନ ଶିକ୍ଷଣ ପ୍ରବୃତ୍ତିକୁ ଆଗେଇ ନେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ମସ୍ତିଷ୍କ ବିକାଶ ନିମନ୍ତେ କ୍ରୀଡା ମାଧ୍ୟମରେ ଶିକ୍ଷା ଦାନ କରିବା, ସଂଖ୍ୟା ଓ ପ୍ରତୀକ ସହ ଅକ୍ଷର ଚିହ୍ନିବା ,ଶିଶୁର ଶିକ୍ଷଣ ଅଭିଜ୍ଞତାରେ ପିତାମାତାଙ୍କ ସକ୍ରିୟ ଅଂଶ ଗ୍ରହଣ କରି ବିଦ୍ୟାଳୟରେ ଶ୍ରେଣୀ ୧ ରେ ନାମଲେଖା ନିମନ୍ତେ ଶିଶୁକୁ ପୂର୍ଣ୍ଣାଙ୍ଗ ପ୍ରସ୍ତୁତ କରିବା ଏହାର ଲକ୍ଷ୍ୟ । ଏତଦବ୍ୟତୀତ ପୂର୍ବ ଶିକ୍ଷା ନୀତିର ୧୦+୨ ପ୍ରଣାଳୀ ଉଚ୍ଛେଦ କରି ନୂତନ ଶିକ୍ଷାନୀତି ରେ ୫( ପ୍ରାରମ୍ଭିକ), +୩(ପ୍ରସ୍ତୁତି), +୩(ମଧ୍ୟ), +୪(ମାଧ୍ୟମିକ) ପ୍ରଣାଳୀକୁ ରୂପାନ୍ତରିତ କରାଯାଇ ପର୍ଯ୍ୟାୟ କ୍ରମେ କାର୍ଯ୍ୟକାରୀ କରାଯିବାକୁ ମଧ୍ୟ ଲକ୍ଷ୍ୟ ରଖିଛନ୍ତି ସରକାର ।

ନୂତନ ଶିକ୍ଷା ନୀତିରେ ବାଲ ବାଟିକା ଅଭିଯାନ ନିଶ୍ଚିତ ଭାବେ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ କିନ୍ତୁ ସାଧାରଣରେ ଦେଖିବା ପାଇଁ ଗଲେ ତୃଣମୂଳ ସ୍ତରରେ ଏହାର ସଫଳ ରୂପାୟନକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅଧୁନା ସମସ୍ୟା ଘେରରେ ରହିଛି ଓଡ଼ିଶା ପ୍ରାଥମିକ ଶିକ୍ଷା ବ୍ୟବସ୍ଥା । ଶିକ୍ଷକମାନଙ୍କ ବିନା ଶିକ୍ଷା ସମ୍ଭବ ନୁହେଁ । ବର୍ତମାନ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ଶିକ୍ଷକ ନାହାନ୍ତି । ଅନେକ ବିଦ୍ୟାଳୟରେ ଜଣେ ଶିକ୍ଷକ ଅଛନ୍ତି । ଏକାଧିକ ବିଦ୍ୟାଳୟରେ ଗୋଟିଏ ଘରେ ୧ ରୁ ୫ ଶ୍ରେଣୀ ଶିକ୍ଷାଦାନ ଚାଲିଛି । ଅନ୍ୟ ପକ୍ଷରେ ଦେଖିଲେ ରାଜ୍ୟରେ ୨୧,୧୭୯ଟି ପ୍ରାଥମିକ ବିଦ୍ୟାଳୟ ଭଡ଼ା ଘରେ ଚାଲିଛି, ଅଧିକାଂଶ ବିଦ୍ୟାଳୟର ଆବଶ୍ୟକ ଶିକ୍ଷକ ନାହାନ୍ତି । ଯେଉଁଠି ଶିକ୍ଷକ ଅଛନ୍ତି ସେଠି ପିଲାଙ୍କ ପାଇଁ ବସିବାକୁ ଘର ନାହିଁ ଫଳରେ ନାହିଁ ନାହିଁରେ ଚାଲିଛି ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ।ସରକାରଙ୍କର ଶିକ୍ଷକ ମାରଣ ନୀତି ଯୋଗୁଁ ବହୁ ମେଧାବୀ ଶିକ୍ଷକତା ବୃତ୍ତିକୁ ନାପସନ୍ଦ କରୁଛନ୍ତି । ଶିକ୍ଷା ଅଧିକାର ଆଇନ ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ମିଶିଲା କିନ୍ତୁ ଆବଶ୍ୟକୀୟ ଶିକ୍ଷକ ପଦ ସୃଷ୍ଟି ହୋଇପାରିଲା ନାହିଁ । ଅତୀତରେ ବିଦ୍ୟାଳୟରେ କୋଠା ନ ଥିଲା କି କୌଣସି ରଙ୍ଗ ନଥିଲା କିନ୍ତୁ ମେଧାବୀ ସୃଷ୍ଟି ହେଉଥିଲେ ଆଜି କିନ୍ତୁ ସୁ ଉଚ୍ଚ କୋଠା ସାଙ୍ଗକୁ ସୁନ୍ଦର ରଙ୍ଗରେ ଆଚ୍ଛାଦିତ ହୋଇଛି ବିଦ୍ୟାଳୟ ହେଲେ ମେଧାବୀଙ୍କ ସଂଖ୍ୟା ଶୂନ୍ୟ । ଏହିଭଳି ଅବସ୍ଥା ଯୋଗୁଁ ସରକାରୀ ବିଦ୍ୟାଳୟ ପ୍ରତି ଅଧିକାଂଶ ଅଭିଭାବକ ମୁହଁ ଫେରାଇ ନେଉଛନ୍ତି । ଘରୋଇ ବିଦ୍ୟାଳୟରେ ଚାହିଦା ବଢ଼ିଛି । ସରକାରୀ ଓ ବେସରକାରୀ ବିଦ୍ୟାଳୟ ମଧ୍ୟରେ ବିଭାଜନ ରେଖା ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିସାରିଲାଣି । ଅନ୍ୟ ପକ୍ଷରେ ଦେଖିଲେ ବାଲ୍ ବାଟିକା ମହିଳା ଓ ଶିଶୁ ବିକାଶ ବିଭାଗର ଅନ୍ତର୍ଭୁକ୍ତ ହୋଇଥିବା ବେଳେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅନ୍ତର୍ଭୁକ୍ତ ତେଣୁ ଦୁଇଟି ପୃଥକ୍ ପୃଥକ ବିଭାଗ ମଧ୍ୟରେ ଯଦି ଉଚିତ ସମନ୍ୱୟ ନ ରହେ ତେବେ ସବୁ ଯୋଜନା ଫସର ଫାଟିଯିବ । ଯଦିଓ ସରକାର ତରବରିଆ ଭାବେ ପର୍ଯ୍ୟାୟ କ୍ରମେ ଶିକ୍ଷକମାନଙ୍କୁ ତାଲିମ ଦେବା ଆରମ୍ଭ କଲେଣି ତଥାପି ବାଲ୍ ବାଟିକା ଶ୍ରେଣୀରେ ଶିକ୍ଷାଦାନର ସଫଳତା ପାଇଁ ଉଚ୍ଚମାନର ଇସିସିଇ ଶିକ୍ଷକ ମାନଙ୍କର ଆବଶ୍ୟକତା ରହିଛି । ସରକାରୀ ଛାଟକୁ ଭୟ କରି ନିଜର ଅନିଚ୍ଛା ସତ୍ତ୍ୱେ ଶିକ୍ଷକମାନେ ଏହି ତାଲିମରେ ଯୋଗଦାନ କରିଛନ୍ତି ସତ କିନ୍ତୁ ଏହା କେତେଦୂର ଫଳପ୍ରଦ ହେବ ତାହା ଦେଖିବାର କଥା ।

ଏହିଭଳି ପରିସ୍ଥିତିରେ ଛୋଟ ପିଲାଙ୍କର ଯତ୍ନ ନେବ କିଏ ? ସେମାନଙ୍କୁ ପଢ଼ାଇବ କିଏ ? ସେମାନେ କେଉଁଠି ପଢ଼ିବେ ?

ଅଣତାଲିମ ପ୍ରାପ୍ତ ଶିକ୍ଷକମାନଙ୍କୁ ନେଇ, ଆବଶ୍ୟକ ଭିତ୍ତିଭୂମି ନଥାଇ,ଶିକ୍ଷକମାନଙ୍କ ସହ ବିଚାର ବିମର୍ଷ ନକରି ତରବରିଆ ଭାବେ ବିଦ୍ୟାଳୟରେ ବାଲ୍ ବାଟିକା ଶ୍ରେଣୀକୁ ଅନ୍ତର୍ଭୁକ୍ତ କରିବା ଆଦୌ ସମିଚୀନ ନୁହେଁ । ପ୍ରଥମେ ସରକାର ଆବଶ୍ୟକ ଭିତ୍ତିଭୂମି ଯୋଗାଇଦିଅନ୍ତୁ,ବିଦ୍ୟାଳୟର ଶୈକ୍ଷିକ ପରିସରକୁ ରୁଦ୍ଧିମନ୍ତ କରନ୍ତୁ, ଉପଯୁକ୍ତ ତାଲିମ ପ୍ରାପ୍ତ ଶିକ୍ଷକ ନିଯୁକ୍ତି କରନ୍ତୁ,ଶିକ୍ଷକମାନଙ୍କ ସମସ୍ୟାକୁ ସମାଧାନ କରନ୍ତୁ ଅନ୍ୟଥା ସରକାରଙ୍କ ଯେଉଁ ଉଦ୍ଦେଶ୍ୟ ରଖି ବାଲ୍ ବାଟିକା ଅଭିଯାନ ଆରମ୍ଭ କରିଛନ୍ତି ତାହା ଆଦୌ ଫଳପ୍ରଦ ହୋଇପାରିବ ନାହିଁ ।

ଅଧ୍ୟାପକ,ବାଣିଜ୍ୟ
ବିଭାଗ,ବ୍ରାହ୍ମଣଝରିଲୋ
ମହାବିଦ୍ୟାଳୟ,କଟକ ।
ମୋ: ୯୪୩୮୦୭୦୮୪୯

# ଚିକିତ୍ସା ଦ୍ୱାରା ଭଲ ହୋଇପାରିବ ଅଟିଜମ୍



**ଡାକ୍ତର ଗୁରୁପଦ ମିଶ୍ର**

ଅଟିଜମ୍ ହେଉଛି ଏକ ମାନସିକ ବିକୃତି, ଯାହାକି ଶିଶୁ ଠାରେ ୧.୬ରୁ ୨ ବର୍ଷ ବୟସ ମଧ୍ୟରେ ଦେଖାଯାଇଥାଏ। ଏହା ଦ୍ୱାରା କଥା କହିବା, ବୁଝିବା ଓ ଅନ୍ୟ ସହ ଭାଷାର ବ୍ୟବହାର କରି ସାମାଜିକ ସମ୍ପର୍କ ସ୍ଥାପନ କରିବାରେ କଷ୍ଟ ହୋଇଥାଏ। ପ୍ରାକୃତିକ ଖାଦ୍ୟର ଅଭାବ ଓ ଅନିୟମିତ ଖାଦ୍ୟ ଗ୍ରହଣ ଯୋଗୁ ଶିଶୁଙ୍କଠାରେ ଏହା ଦେଖାଯାଇଥାଏ। ଠିକ୍ ଭାବେ ଚିକିତ୍ସା କଲେ ଏହା ଆରୋଗ୍ୟସାଧ ହୋଇପାରିବ ଏବଂ ଏଥିପାଇଁ ବ୍ୟାପକ ସଚେତନତା ଲୋଡ଼ା ବୋଲି ଚିକିତ୍ସକମାନେ ମତ ଦିଅନ୍ତି। ସେମାନଙ୍କ ସୂଚନା ଅନୁଯାୟୀ ଏହି ମାନସିକ ବିକୃତି ଦେଖାଯିବା ପରେ ଅନେକ ଏହା ଭଲ ହେବ ନାହିଁ ବୋଲି ଭାବି ନିଅନ୍ତି। ଫଳରେ ଚିକିତ୍ସା ଅଭାବରୁ ଏହା ବଢ଼ିବା ସହ ଆରୋଗ୍ୟ ହେବାର ସମ୍ଭାବନା କମିଯାଏ। ଅଟିଜମ୍‌ର ଲକ୍ଷଣ ହେଉଛି ଶିଶୁଟି ନିଜ ଦୁନିଆ ଭିତରେ ରହିବାକୁ ଚେଷ୍ଟା କରେ। ସାଙ୍ଗସାଥୀମାନଙ୍କ ସହ ଖେଳ ବୁଲ ନକରି ଏକା ରହିବାକୁ ଚାହିଁଥାଏ। କୌଣସି ଖେଳଣା ପସନ୍ଦ ହୋଇଗଲେ ବେଶି ସମୟ ସେହି ଖେଳଣା ସହ କାଟିବାକୁ ପସନ୍ଦ କରେ। ବିଶେଷ ଭାବାବେଗ ଶିଶୁଠାରେ ଦେଖାଯାଏ ନାହିଁ। ଦୁଃଖରେ କାନ୍ଦିବା କିମ୍ବା ସୁଖରେ ହସିବା ଭଳି ପରିପ୍ରକାଶ କରେ ନାହିଁ। ପ୍ରଥମରୁ ଚିକିତ୍ସା କଲେ ଏହା ଭଲ ହୋଇପାରିବ ନିଶ୍ଚୟ। ଏହା ଏ ପରି ଏକ ମାନସିକ ବ୍ୟାଧି, ଯାହାର ଚିକିତ୍ସା ସମ୍ଭବ। ଏହା ଭୋଗୁଥିବା ଶିଶୁ ସାଧାରଣତଃ ନିଜ ଭିତରେ ବିଲୀନ ରହନ୍ତି। ଆତ୍ମବିମୋହତାକୁ ଏକ ରୋଗ ନ କହି ଏକ ଦୋଷ କହିବା ଠିକ୍ ହେବ। ଗର୍ଭବସ୍ଥାରେ ମାଆ ନିଶାଯୁକ୍ତ ପାନୀୟ, କୋକେନ୍ ସେବନ କରିଥିଲେ ବା ରୁବେଲା ଭୋଗିଥିଲେ, ଶିଶୁ ଅଟିଜିମ୍‌ର ଶିକାର ହୁଏ। ସଂପ୍ରତି ଅଟିଜିମ୍ ଭୋଗୁଥିବା ଶିଶୁଙ୍କ ସଂଖ୍ୟା ତିନି କୋଟିରୁ ଅଧିକ। ଭାରତର ୨ ପ୍ରତିଶତ ଲୋକ ଏବେ ମସ୍ତିଷ୍କ ବିକୃତିର ଶିକାର। ଏହାର ନିରାକରଣ କରା ନଗଲେ ଭବିଷ୍ୟତରେ ଏହି ସଂଖ୍ୟା ଦେଶ ପ୍ରତି ଜଟିଳ ସମସ୍ୟା ସୃଷ୍ଟି କରିବ। ତେଣୁ ଏବେଠାରୁ ଏଥିପ୍ରତି ସଚେତନ ହେବା ଦରକାର। ଅଟିଜମ୍ ନିରାକରଣ ପାଇଁ ନୀଳ ରଙ୍ଗକୁ ଏହାର ପ୍ରତୀକ ଭାବେ ବ୍ୟବହାର କରାଯାଉଥିବାରୁ ନୀଳ ରଙ୍ଗକୁ ବ୍ୟବହାର କରାଯାଇ ବିଭିନ୍ନ ସ୍ଲୋଗାନ ମାନ ଲେଖାଯାଇଥାଏ। ପ୍ରତିବର୍ଷ ଏପ୍ରିଲ ୨ ତାରିଖକୁ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ଭାବେ ପାଳନ କରାଯାଇ ଆସୁଛି। ତେବେ ଜାତିସଂଘର ସାଧାରଣ ପରିଷଦ ବୈଠକରେ ଏ ସଂକ୍ରାନ୍ତରେ ଏକ ପ୍ରସ୍ତାବ ୬୨/୧୩୯ ଗତ ୨୦୦୭ ଡିସେମ୍ବର ୧୮ରେ ଗୃହୀତ ହୋଇଥିଲା। ଏହି ପ୍ରସ୍ତାବ ପ୍ରଥମେ କାତାର ପ୍ରତିନିଧି ଆଗତ କରିଥିଲେ ଏବଂ ଏହାକୁ ସବୁ ସଦସ୍ୟ ରାଷ୍ଟ୍ର ସମର୍ଥନ କରିଥିଲେ। ପ୍ରସ୍ତାବରେ ଚାରିଟି ମୁଖ୍ୟ ପ୍ରସଙ୍ଗ ସ୍ଥାନ ପାଇଥିଲା। ପ୍ରଥମତଃ ଏପ୍ରିଲ ୨କୁ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ଭାବେ ଘୋଷଣା କରିବା।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)






## ଡାକେ କିଏ କେଉଁଠି

**ସୁନନ୍ଦା ମହାନ୍ତି**

ଗଣ୍ଠିଲିର ସେଇ ପ୍ରଥମ ଗଣ୍ଠି
ଗଲାଣି ଫିଟି
ପାରୁନି ଫିଟାଇ ଶେଷ ଗଣ୍ଠି
ପଡେ ଥରକୁ ଥର ଝୁଣ୍ଟି
କେତେ ପେନ୍ଥି ପେନ୍ଥି ବଇଠି
ଗଣ୍ଠିଲି ଭିତରେ ସାଉଁଟି
ଦେଖୁଛି ଅତୀତ ଭିତରେ
ଆଜି କିଏ କେଉଁଠି ।

ସ୍ମୃତି ଆସି କହେ ଉକୁଟି
ଥିଲୁ ବକଟେ ଫିଟିଲା ପାଟି
ଝୁଣ୍ଟି ଖୁଣ୍ଟି ନାଣ୍ଟି
ଜୀବନ ସଉଦା କରେ ଏଇଠି
ଘଷି ଗୋଇଠି ଆକଟି କରେ ପାଟି
ରଟି ରଟି ତୁନି ପଡେଟି
ଅନ୍ଧାରରାତି ଚାନ୍ଦିନୀ ଗୋଟି
ଆସେ ଲେଉଟି

ସ୍ମୃତି ଆସେ ନାହିଁ ସହଜେ ଫିଟି
ନୁହେଁ ପୁରୁଣା ଗଣ୍ଠି
ହେଉ ଗଇଁଠିଆଳ ଅବା ମହୁଲଭାଟି
ଦି ଦିନର କୁଣିଆ ଏଠି ।

ସ୍ମୃତି ସାଉଁଟି ବଞ୍ଚି ହେବଟି
ଆଗକୁ ପଡିଛି ରାସ୍ତା ଗୋଟି
ସମୟ ସୁଅରେ ଦେଖାଇ ପିଠି
ଚୈତନ୍ୟ ଛାଟି
ମାଟିକୁ ପ୍ରଣାମ କରେ ମା ମୋରଟି
ଘେନ ନିବେଦନ ମାରନା
ଶୁନ୍ୟ ହାଇଟି
ପାପର ଘଡାରେ ପୁଣ୍ୟର ପଟି
ଦେବ ଛାଟି ପଡ଼ିବୁ ଲୋଟି ।

ସ୍ମୃତି ଆସିବକି ଉଠି ଦେଖାଇ ପିଠି
ଯେତେବେଳେ ଯିଏ ପକାଏ ଗଣ୍ଠି
ଫିଟାଇଦେ କଟି ଭୁଇଁ ସାଉଁଟି
ଗଣ୍ଠିଲିର ଗଣ୍ଠି ଥାଉ ସେଇଠି
ରଖିବାକୁ ନାହିଁ ଯାଗା କାହିଁଟି
କିଏସେ ଡାକୁଛି ଶୁଣ କେଉଁଠି
ଶୁନ୍ୟ ଛଟା ଛାଟି ।

+ସାକ୍ଷୀଗୋପାଳ,
ପୁରୀ
ମୋ: ୯୦୪୦୯୭୭୩୨୭

## ବହି ଆମ ବନ୍ଧୁ

**ସୁଚରିତା ମହାନ୍ତି**



ବିଦ୍ୟା, ବୁଦ୍ଧି, ଜ୍ଞାନ
ଯା'ର ପାଶେ ଥାଇ
ଅହଂ ଭାବ ତାକୁ ପାରେନା ଛୁଇଁ,
ମିଥ୍ୟା, ଲୋଭ, ଆଶା,
ପରିହାର କଲେ
ଭଲ ମଣିଷଟି ହୋଇବ ସେହି ॥

ମାତାପିତା ଆଉ ଗୁରୁ ଗୁରୁଜନ
ମାନୁଥିଲେ ସଦା ତାଙ୍କରି ବାଣୀ
ଚଳାପଥ ସଦା କୁସୁମିତ ହେବ
ଯଶ କୀର୍ତ୍ତି ହେବ ଅମର ବାଣୀ ॥

ସେବା, ଦୟା, କ୍ଷମା କରୁଥାଏ ଯିଏ
ତା' ଠାରୁ ତ ବଡ଼ ନୁହଁଇ କେହି
ହସହସ ମନେ ସ୍ୱାର୍ଥ ତ୍ୟାଗ କଲେ
ତମ ଠୁଁ ବଡ଼ କେ ପାରିବ ହୋଇ ॥

ଯେତେ ଯାହା ଅଛି ଦୁନିଆ ଭିତରେ
କେବେ ତା' ପଛେ ଧାଇଁବ ନାହିଁ
ସବୁଠାରୁ ଭଲ ସବୁଠାରୁ ବଡ଼
'ବହି' ବନ୍ଧୁ ପରି କେ ଅବା
ହୋଇବେ ନାହିଁ ।

+ ବାରିପଦା,ମୟୂରଭଞ୍ଜ
ମୋ: ୮୯୧୭୫୭୧୨୦୨


## ମଧୁର ସମୟ ସନ୍ଧ୍ୟା

**ପ୍ରଶ୍ନ କୁମାର ଶତପଥୀ**

କୌଣସି କାରଣ ନାହିଁ,
କିମ୍ବା କୌଣସି ଉପାୟ ନାହିଁ
ସନ୍ଧ୍ୟା ଦୁନିଆ ସକାଳ
କିମ୍ବା ଖରା ସମୟ ପାଲୋଟିଯିବ,
ଏସବୁ କିଛି ହେବାର ନାହିଁ..
ରବି ମୋ ଦୁନିଆରୁ ବିଦାୟ
ନେଇଛନ୍ତି,
ଯେତେ ଡାକିଲେ ମଧ୍ୟ
ବର୍ତ୍ତମାନ ଆକାଶରେ
ରବିଙ୍କର ଦେଖା ମିଳିବ ନାହିଁ,
ଏହା କେବଳ ସନ୍ଧ୍ୟା,
ତା'ପରେ ରାତି ଆସିବ,
ସନ୍ଧ୍ୟା ମଧୁର ଇଚ୍ଛା,
ସନ୍ଧ୍ୟା ପ୍ରେମର ଭାଷା,
ସନ୍ଧ୍ୟା ଭକ୍ତିର ଦୁନିଆ
ସନ୍ଧ୍ୟା ଆମ ସମସ୍ତଙ୍କର ମଧୁର ସମୟ
ସନ୍ଧ୍ୟା ହସ ବିସ୍ତାର କରେ,
ସନ୍ଧ୍ୟା କ୍ଳାନ୍ତ ଦୂର କରିଦିଏ,
ସନ୍ଧ୍ୟା ଜଗତକୁ ଶୀତଳ
ପ୍ରଦାନ କରେ,
ସନ୍ଧ୍ୟା ଜଗତ ପାଇଁ
ମଙ୍ଗଳ ପ୍ରାର୍ଥନା କରେ ।

+ଦୁମାଡ଼ିହି,ଜାମଦା,ମୟୂରଭଞ୍ଜ

## ଅଧୁରା ଜୀବନ
### ରତ୍ନାକର ରାଉତ



ଅଶିଣ ଆକାଶେ ଭସା ବଉଦର ସମ
ସମୟ ସୁଅରେ ଭାସି ଗଲା ମୋର
ସପନର ଦିନ ସବୁ
ପଛକୁ ଚାହିଁଲେ ଫେରି
ସେଦିନ ଗୁଡ଼ିକ ପୁରୁବ ଜନମ
କଥା ବୋଲି ମନେ ହୁଏ
ସ୍ମୃତି ଉଖାରିଲେ ମରୁ ମରୀଚିକା ଭ୍ରମ
ନିଜ ରକ୍ତ ପିଇ ଆପଣାର ଶୋଷଣରେ
କଣ୍ଟାର ଆଘାତେ ଓଟପରି
ନିଜ ପାଟିରୁ ରକତ ଝରେ ।

ଅଦିନ ବତାସେ ହଜିଗଲା ମୋର
ପ୍ରେମର ରଙ୍ଗୀନ ଗୁଡ଼ି
ଲଟେଇରୁ ସୂତା ଛିଡ଼ିଗଲା ଅଚାନକ
ଯେତେ ମୁଁ ଚାହିଲି
ପାରିଲି କେଉଁଠି ଯୋଡ଼ି ?

ଆଖି ସାମନାରେ ଭାସି ଭାସିଗଲା
ଖରା ପବନରେ ପ୍ରେମରେ ବତୁରା ଗୁଡ଼ି
ଖୋଜିଲେ ମିଳୁଛି କାହିଁ
କେବେ କେବେ ଆସି
ପହିଲି ପ୍ରେମର ପ୍ରଥମ ପୁଲକ
ମନଦିଏ ଚହଲେଇ ।

କହିଁଲ ପବନ ସରାଗରେ ଯେବେ
ଦିଏ ଦେହ ମୋର ଛୁଇଁ
ଶିହରଣ ଖେଳିଯାଏ ଶରୀରରେ
ଚମକି ପଚାରେ ବାଆକୁ ଆଦରେ
କେଉଁ ବାରତା ଆସିଛୁ ନେଇ ।

ମଉନ ପବନ କହେ ନାହିଁ କିଛି
ଚାଲିଯାଏ ନିଜ ବାଟେ
ଆଖି ମୋର ଖୋଜେ
ନିଶୀଥ ଆକାଶେ ଚାହିଁ
ଜହ୍ନ ଉହାଡ଼ରେ ଲୁଚିଛି କି' ପ୍ରିୟା ଯାଇ ।

ରାତିଯାଏ ବିତି
ମନେ ଆସେ ଭୀତି
ଆନମନା କରେ ହଜିଲା ଦିନର ସ୍ମୃତି
ବୁଝେଇ ପାରେନି ମୋ ଅବୁଝା ମନ
ରାତି ରାତି ଥାଏ ଚେଇଁ
କାହା ଫେରିବା ବାଟକୁ ଚାହିଁ
ମୁଁ ଜାଣିପାରେ ନାହିଁ ।

ବୁଝିବି ଅବୁଝା ମୋ ବିଧୁର ମନ
ସ୍ମୃତିକୁ ପାକୁଳି କରି ରାତିଦିନ
ଅଧୁରା ଜୀବନ ନିତିପ୍ରତି ଜିଉଁଥାଏ
ଯିଏ ଯାଏ ଥରେ ଅଫେରା ରାଇଜେ
ସେ ଅଦେଖା ରାଇଜୁ
କେବେ କଣ କିଏ
ପୁଣି ଫେରି ଆସିଥାଏ ?


+ଭୁବନେଶ୍ୱର
ମୋ: ୯୪୩୭୩୮୨୨୮୧


## କବିତା କାରବାର
### ଜୟନ୍ତୀ ବେହେରା



କବିତା ନିଅ କବିତା ....
କବିତା ନବ କବିତା .... !

ଏ ବାବୁ ! କଣ ନେବୁ ?

ପ୍ରେମର କବିତା
ପ୍ରତାରଣାର କବିତା
କାରୁଣ୍ୟର କବିତା
ଉଦ୍ଧତପଣର କବିତା
ଦୁଃଖୀ ଜୀବନର କବିତା
ସୁଖୀ ମଣିଷର କବିତା
ଶୃଙ୍ଖଳା ସ୍ତନର କବିତା
ଓଦା ଓଠର କବିତା
ମରିଯାଇଥିବା ମଶାଣିର କବିତା
ଜଳିଯାଉଥିବା ନଈର କବିତା
କଞ୍ଚାମାଂସର କବିତା
ଭୋକ ଭୂଗୋଳର କବିତା
ଯୁଦ୍ଧର କବିତା, ସନ୍ଧିର କବିତା
ପଦ୍ମବନର ମହାମୋକ୍ଷର କବିତା
ଜଳ, ସ୍ଥଳ, ଆକାଶ
ସଚରାଚରର କବିତା
ଜୀବ, ନିର୍ଜିବ, ଘଟ, ଘାଟର କବିତା
ପାପ, ପୁଣ୍ୟ, ତୁଠ, ତଟର କବିତା
ବିଶ୍ୱ ବ୍ରହ୍ମାଣ୍ଡର କବିତା
କହ କ'ଣ ନେବୁ ....... ?

ଏ ବାବୁ ! କବିତା ନେ କବିତା ... !
କେଉଁ ଭାଷାରେ ନେବୁ
ନା ଭାଷା ନଥିବା କବିତାକୁ ନେବୁ
ନେ ବାବୁ ! ନେ........
କୋଳାହଳର କବିତା ମୋ ପାଖେ ଅଛି
ନିରବି ଯାଇଥିବା କବିତା ବି
ମୋ ପାଖେ ଅଛି
କିଛି କବିତା ଏଇ ଏଇ କଅଁଳିଛି
କିଛି ଯୁଗ ଯୁଗର ବାସି କବିତା,
ତଥାପି ଖୁବ୍ ତାଜା ଅଛି ।

ଏ ବାବୁ ! କିଛି ତ କବିତା ନେ....।
ହିନ୍ଦୁ କବିତା ନେବୁ
ନା ଖ୍ରୀଷ୍ଟିୟାନ କବିତା ନେବୁ
ନା ମୁସିଲିମ୍ କବିତା ନେବୁ
ଧର୍ମ ନିରପକ୍ଷ କବିତା ନେବୁ
ନା ସବୁ ଧର୍ମର ମିଶାମିଶି କବିତା ନେବୁ ?

ନେରେ..... ବାବୁ ! ନେ
କିଛି ତ କବିତା ନେ......।

ତୁ ପଢେ କି ନ ପଢ଼େ
ଚିରିଦେ କି ସାଇତି ରଖେ
ତୁ କବିତାରେ ନିଆଁ ମାଖି ସିଗାରେଟ୍ ଟାଣେ
କି ଭୋଡ଼କା ପିଏ
ଦୟଣା ତୁଳସୀ ଗୁନ୍ଥେ, କି ରୁଦ୍ରାକ୍ଷ ଜପେ
ସେଥିରେ ମୋର କି ଯାଏ ?
ତୁ କବିତା ପଢି ଉଲଗ୍ନ ହ
କି ଚିତ ଚେତନାରୁ ଉନ୍ମୁକ୍ତ ହ
ଆହତ ହେ କି ଆଘାତ ଦେ........
.........ତୁ କିନ୍ତୁ କବିତାଟେ ନେ ।

ନେ ବାବୁ !
ଗୋଟେ କବିତା ନେ ....... !


ମୋ: ୭୯୭୮୨୬୨୪୧୩


## ମୋ ପ୍ରେମିକାର ଗାଁ
### ସୁବ୍ରତ କୁମାର ଜେନା



ଆକାଶକୁ ଛୁଇଁଲାପରି ଲାଗୁଥିବା
ସେ ସବୁଜ ପାହାଡ଼ ତଳେ
ମୋ ପ୍ରେମିକାର ଗାଁ
ଯୋଉଠି ସକାଳୁ ସକାଳୁ
ସୁରୁଜ କେତେ ରଙ୍ଗର ମୁରୁଜ ବୁଣେ
ସନ୍ଧ୍ୟାରେ ଜହ୍ନ ଆସେ ଘଡ଼ି ମାରି
ତାରେ ଫୁଟେ ଫୁଲ ପରି
ଦକ୍ଷିଣୀ ପବନରେ ହୁଏ ତା' ମୋ ଭାବ
ଦିଆ ନିଆ
ସେଇ ସବୁଜ କ୍ଷେତର ପ୍ରାନ୍ତରେ
ମୋ ପ୍ରେମିକାର ଗାଁ ।।

ମୋ ପ୍ରେମିକାର ନୀଳ ଶାଢ଼ିପରି
ତା ଗାଁ ଦିଶେ ସବୁଜ ରଙ୍ଗ
ତା ବିଲ ଆଉ ଗହୀରି
କେବେ କେବେ ମୋ ଫୁଲେଇ ପ୍ରେମିକା
ବସେ ଝର୍କାର ସେ ପାଖେ
ସୁନ୍ଦର ତନୁରେ ତାର ସଜେଇବାକୁ ପରିପାଟି
କେତେ ଯତ୍ନରେ କରେ ତାର କେଶ ବିନ୍ୟାସ
ତାକୁ ଦେଖି ମନ ଭରନ୍ତି
ଋତୁଏ ତେଜି ସନ୍ୟାସ।

ମୋ ପ୍ରେମିକାର କଣ୍ଠରେ ସବୁ ସୁନ୍ଦର
ମନ ତାର ଗୋଟେ ବସା ଫେରନ୍ତା ପକ୍ଷୀ
ଅନବରତ ପକ୍ଷୀର କାକଳି ପରି ସେ ହସେ
କେବେ କେବେ ବାଟ ଭୁଲେ
ମୁଁ ଭାବିବସେ ମୋ ଆଖିରେ
କାଳେ ସେ ଯାଏ ଲାଖି
ଚନ୍ଦ୍ରମାର ଧୋବ ଫର ଫର ସେ ଜହ୍ନ
ସବୁକୁ ସେ ଚମକାଏ ତା ଶୁଭ୍ର ତନ୍ଦ୍ରା
ଲୋକେ
ତା ବାସ୍ନାରେ ମୁଁ ହୁଏ ବାରମ୍ବାର ବିମୋହିତ
ଅଚାନକ ମନ ଆକାଶରେ
ଆସେ ପ୍ରେମର ଗୋଲାପୀ ବର୍ଷା
ମତେ ଦେଖି ଅନେକ କରନ୍ତି ଈର୍ଷା
ମୁଁ ଭିଜେ ତାକୁ ଭିଯାଏ ଗୋଟାପଣେ
କାରଣ ମୋ ପ୍ରିୟା ପରି ନୁହନ୍ତି
ଆଉ କା' ପ୍ରେମିକା
ସେଥି ଲାଗି ସେମାନେ ବସନ୍ତି
ଦେଖିବାକୁ ସବୁଦିନ
ମୋ ପ୍ରେମିକାର ଗାଁ ଆଉ
ତାକୁ ଲୁଚି ଲୁଚିକା।


ଶୁରଡ଼ିହ, ନନ୍ଦିପୁର, ଯାଜପୁର
ମୋ: ୯୭୭୬୨୦୮୯୩୦


## ପଦୁଅଁ ଫୁଟିବାର ବେଳ
### ରାଜେଶ କୁମାର ମୁଣ୍ଡ



ଆକାଶେ ନିରବତାକୁ ଛିନ୍ନଛତ୍ର କରି
ଚାଲି ଆସିଛି କୋଳାହଳମୟ
ଖେଳ ପଡ଼ିଆକୁ
କସରତ କରିବାକୁ, ଜିଦଖୋର ଶବ୍ଦଙ୍କ ସହ
ତାଙ୍କ ଆଖଡ଼ାରେ ।
ମାହେନ୍ଦ୍ର ମୁହୂର୍ତ୍ତରେ ମନ୍ଦିରରୁ ନେଇ ଆସିଛି
ଆଞ୍ଜୁଳେ ଅଗୁରୁ, ମୁଠାଏ ଅକ୍ଷତ
କାଳେ କବଳିତ ହେଇଯିବେ କିଛି
ବନ୍ଦୀ ହେବେ ହୃଦୟର ଫାଶରେ ।

ଯାହାକୁ ବି ତ ପ୍ରୟାସ କରିବାକୁ ହେବ
କଳେ ବଳେ କୌଶଳେ, ଶିଖେଇବାକୁ
ନିଆଁକୁ ହାତ ମୁଠାରେ ଧରି
ଜହ୍ନକୁ ସାର୍ଟ ପକେଟରେ ପୁରାଇବା କଳା ।
ନିଃଶବ୍ଦର ସାମ୍ରାଜ୍ୟରେ, ଯେଉଁଠି
ଗଦ ଶୁଙ୍ଗେଇ ନିଷ୍କ୍ରେଷ କରି ରଖିଛନ୍ତି
ଜାତି, ଧର୍ମର ଦ୍ୱାହି ଦେଇ
ନିଶାର୍ଦ୍ଧର ନଷ୍ଟ ଆତ୍ମା ।

ଆସ, ମନ ଭିତରର ଅନ୍ଧାରକୁ ଆଡ଼େଇ
ମିଛ ମୋହର ମାୟା ବନ୍ଧନରୁ ମୁକୁଳି
ଏବେ ପଦୁଅଁ ଫୁଟିବାର ବେଳ
ଆଲୁଅ ଓ ଅନ୍ଧାରର ଖେଳ
ଆରମ୍ଭିବାର ବେଳ ।
ଏବେ ସିନା ଏକା ଛିଡ଼ା ହେଇଛି
ତୁମ ଚଲାପଥେ
ଆସ, ମିଶି କି ସାମ୍ନା କରିବା
ମହନୀୟ ଶବ୍ଦଙ୍କ ପଟୁଆର ଭାଙ୍ଗି
ତା' ଭିତରକୁ ପଶିବାକୁ ।

ଆସ, ଗହଳ ଅନ୍ଧାରର ଶୂନ୍ୟ ମଣ୍ଡପରେ
ବିଞ୍ଚିଦେବା ମୁଠା ମୁଠା ଆଲୁଅ
ଜାଳିଦେବା ଯଜ୍ଞବେଦୀରେ ନିଆଁ ।
ଶରୀରର କ୍ଷତରେ, ହୃଦୟର ହାହାକାରରେ
ବୋଳିଦେବା ବିଶ୍ୱାସର ମଲମ
ଆତ୍ମୀୟତାର ଶବ୍ଦ ।
ବିରୋଧାଭାସର କାନଭାସରେ
ରଙ୍ଗେଇଦେବା
ପ୍ରୀତିର, ଆତ୍ମୀୟତାର ରଙ୍ଗର
ବହଳେ ଆସ୍ତରଣ ।

ଆସ, ଏବେ ଆଲୁଅର
ଫୁଲ ଫୁଟିବାର ମୁହୂର୍ତ୍ତ,
ବିଶ୍ୱାସ ରଖ, ଅନ୍ଧାର
ଅପସାରିତ ହେବ ନିଃସର୍ତ୍ତ ।


ଧର୍ମଗଡ଼ ସାହିତ୍ୟ ସଂସଦ
ଧର୍ମଗଡ଼, କଳାହାଂଡି ୭୬୬୦୧୫
ମୋ.ନଂ. ୯୫୮୩୮୪୨୩୨୫




## ହାତ ଠାରି ଗାଁ ଡାକୁଛି
### ଅବନ୍ତି ପଣ୍ଡା

ନାହିଁ ଗାଈ ଗୋଠ ଅବା ନଈ ତୁଠ
ସଞ୍ଜରେ ଉଡୁନି ଗୋଧୂଳି
ନାହିଁ ରଜ ଦୋଳି ପୁଚି ଲୁଚକାଳି
ଗାଆଁ ଶିରୀ ଯାଏ ମଉଳି
ଲଙ୍ଗଳ ଯୁଆଳି ନାହିଁ, ନାହିଁ ଆଉ
ଧୋବଲା କଷରାର ଯୋଡି
ଗାଆଁ ଦାଣ୍ଡେ ଆଉ ଗଡୁନି ଶଗଡ଼
ଶୁଭୁନାହିଁ ଘଣ୍ଟି ଘାଗୁଡି
ନାହିଁ ଧାନ ଖଳା ପଡୁନି ବେଙ୍ଗଳା
ନାହିଁ କ୍ଷେତ ଉଠା ପରବ
ଭରା ଧାନ ଖଳା ଭରା ଅମାର ତ
ଭରେ ନାହିଁ ମନେ ଗରବ
ବାଡି ଅହିଆରେ ରଡ଼ ନିଆଁ ଜାଳେ
ସିଝୁ ନାହିଁ ଧାନ ହାଣ୍ଡିରେ
ସିଝୁ ନାହିଁ ଆଳୁ ସାରୁ ବାଇଗଣ
ବାଡି ଓଳୁଅ ତା ସାଥିରେ।

ଫୁଟୁ ନାହିଁ ଛତୁ ନଈ ବନ୍ଧ କଡେ
ଅବା ବାଡି ପଛ ପଟରେ
ବର୍ଷା ଦିନେ ଆଉ ଗଳୁନି ଚାଳରୁ
ଓଳି ପାଣି ଗାଆଁ ଦାଣ୍ଡରେ
ପିଣ୍ଡା ତଳେ ଆଉ ଭସାନ୍ତିନି ପିଲେ
କାଗଜ ଡଙ୍ଗାଟେ ଖୁସିରେ
ଲୁଚି ଲୁଚି ଝିପିଝିପି ବରଷାରେ
ବୁଲନ୍ତିନି ଆଉ ମଜାରେ
ଲାଉ କଖାରୁର ଡଙ୍କଟିଏ ଖୋଜି
ପାଉନି ଆଶରା ଚାଳର
ଚାଳ ଘର ଆଉ ଦିଶୁନି ସବୁଠି
ରାଜତ୍ୱ କଙ୍କ୍ରିଟ ଛାତର
ନଡ଼ିଆ ବାହୁଙ୍ଗା ଫାଙ୍କରେ ଜହ୍ନଟା
ଏବେ ବି ଖେଳେ ଲୁଚକାଳି
ବିଜୁଳି ଆଲୁଅ ଚମକରେ ତାର
ଜୋଛନା ଯାଇଛି ମଉଳି।

କୁଆଁର ପୁନେଇ ଜହ୍ନ ରାତି ସାରା
ଫୁଲ ବଉଳବେଣୀ ଗୀତ
ଶୁଭୁ ନାହିଁ ଆଉ କୁଆଁରୀ କଣ୍ଠରୁ
ନାହିଁ ସେ ମଧୁର ମୁହୂର୍ତ୍ତ
ନାହିଁ ବୋହୂ ଚୋରି ପୁଚିଖେଳ ଆଉ
ଚାନ୍ଦ ପୂଜା ପରେ ଖୁସିରେ
ପରସ୍ପର ଚାନ୍ଦ ବସନ୍ତିନି ଆଉ
ଚାନ୍ଦ ଭୋଗ ଦେଇ ପାଟିରେ
ରଜ ପରବରେ ନାହିଁ ଆଗ ମଜା
ନାହିଁ ରଜ ବୁଲା ସଉକ
ଅଛି ପୋଡ଼ ପିଠା ଅଛି ରଜ ପାନ
ନାହିଁ କିନ୍ତୁ ସେଇ ମହକ
ଦଶହରା ଦୋଳ ହୋଲିର ରଙ୍ଗରେ
ପୂର୍ବ ପରି ନାହିଁ ଚମକ
ପରମ୍ପରା ନାମେ ସବୁଠି କେବଳ
ଆଧୁନିକତାର ମହକ ।

ଗାଆଁ ଆମ୍ବ ତୋଟା ପଡିଆରେ ଆଉ
ଜମୁନି ପିଲାଙ୍କର ମେଳ
ନାହିଁ କୋଳାହଳ ଲୋକଙ୍କ ଗହଳ
ବାଗୁଡ଼ି ଓ କବାଡି ଖେଳ
ହଜିଯାଏ ଆଜି ଗାଆଁର ସୁଷମା
ପ୍ରାକୃତିକ ଶୋଭା ସମ୍ଭାର
ସହରୀ ସଭ୍ୟତା ଧସେଇ ପଶୁଛି
ମୌଳିକତା ହଜେ ଗାଆଁର
ଗାଆଁ ମଶାଣିଟା କାନ୍ଦେ ଚୁପି ଚୁପି
ହୃଦୟ ବ ବତୁରେ କୋହରେ
ଗ୍ରାମବାସୀ ଶବ ଯାଏ ସ୍ୱର୍ଗଦ୍ୱାର
ତା ଉଦାସ ଆଖି ସାମ୍ନାରେ ।

ସଭିଏଁ ହେଲେଣି ସହରାଭିମୁଖୀ
ଗାଆଁ କାନ୍ଦେ ମୁହଁ ଲୁଚାଇ
ସତେ ବା ଝରୁଛି ଲୋତକର ଧାରା
ପଣତ କାନି ତା ଭିଜାଇ
ଲିଭି ଲିଭି ଯାଏ ଆଶାର ସଳିତା
ତଥାପି ସେ ଆଶା ବାନ୍ଧିଛି
ଫେରି ଆସିବାକୁ ତା ଅମୃତ କୋଳେ
ଗାଆଁ ହାତ ଠାରି ଡାକୁଛି
ସହରଟା ସିନା ମନ କିଣି ନେଇ
ମୋହିନୀ ମାୟାରେ ଭୁଲାଏ
ଗାଆଁ ମାଟି ପରା ମାଆ କୋଳ ପରି
ଏ କଥା ଭୁଲିବାର ନୁହେଁ
ଏ କଥା ଭୁଲିବାର ନୁହେଁ ?


ଜଗତସିଂହପୁର
ମୋ: ୯୮୬୧୬୨୮୭୯୨


ଓଡ଼ିଆ କାବ୍ୟର ତପୋଭୂମିରେ ପଦ୍ମଶ୍ରୀ ରମାକାନ୍ତ ରଥଙ୍କ 'ଶ୍ରୀରାଧା'...
ବିରହର ମାର୍ମିକ ମର୍ମର ସୃଷ୍ଟି କରିଥିବା, ଏକ ଚିର ଅମ୍ଳାନ ସଫଳ ସାରସ୍ୱତ ପ୍ରୟାସ ...ଯାହା, ପାଠକର ହୃଦୟକୁ ଆଚ୍ଛନ୍ନ କରିରଖେ, ମନକୁ ଶ୍ରୀରାଧାମୟ କରିଦିଏ, ପ୍ରେମକୁ ତ୍ୟାଗଝରା ନିର୍ଝରଟିଏ କରି ବୁହାଇଆଣେ- ଉଷର ଛାତିକୁ ବୁନ୍ଦା ବୁନ୍ଦା ବିରହର ଅମୃତରସରେ ସିଞ୍ଚିତ କରିବାକୁ...
... 'ଶ୍ରୀରାଧା' ର ମହାକବିଙ୍କ ଅମର ଆତ୍ମଦେବ ଏ ଜନ୍ମର ନଶ୍ୱର ଶରୀର ଛାଡିଗଲେ- ହୋଲି ଉତ୍ସବର ପରଦିନ, ତା ୧୬/୩/୨୫, ରବିବାର, ଯେମିତି କି ତାଙ୍କ ଶ୍ରୀରାଧାଙ୍କ ସହିତ ଶେଷ ହୋଲିପର୍ବ ପାଳନ କରିବା ପରେ ପରେ !!!
ଏହି ପ୍ରଥିତଯଶା ସାରସ୍ୱତ ପୁରୁଷଙ୍କ ଅମ୍ଳାନ ସ୍ମୃତିରେ ସମର୍ପଣ କରୁଚି- ତାଙ୍କରି ଧାରାର ଏ- 'ଶ୍ରୀରାଧାଙ୍କ ବିରହ ସ୍ୱର' .. କବିତା-ଝରଣାର ସରୁ ଧାରଟିଏ ରୂପରେ...

## ଶ୍ରୀରାଧାଙ୍କ ବିରହ ସ୍ୱର (୧)
### ଲକ୍ଷ୍ମୀଧର ନାୟକ ଆଦିସ୍ୟ



ହେ କୃଷ୍ଣ... !
ଲେଖୁଛି ଏ ଚିଠି ମନ-କାଗଜରେ
ଆଖି ଲୁହ କଜଳରେ
ପବନ ତରଙ୍ଗେ ତୁମ ହୃଦୟକୁ
ଛୁଇଁବ ଅବା ପ୍ରେମରେ
ଲୁହ ନୁହେଁ ଲହୁ ଧାରେ...
କବିତା ନୁହେଁ ଏ ଯନ୍ତ୍ରଣାର କାବ୍ୟ
ରଖିବ ତୋଳି ଛାତିରେ ।
ରାଧା କୃଷ୍ଣଙ୍କର ପ୍ରେମ...
କ୍ଷଣିକ କି କୁହ ନିରନ୍ତର ଅବା
ପ୍ରେମ ଆମ ଚିତ୍ତ ଭ୍ରମ..(୧)

ଶୁଣିଲି କୁବୁଜା ମଥୁରା ଦାଣ୍ଡରେ
ସଜାଡ଼ିଲା ତୁଳସୀରେ
ଉଜ୍ଜ୍ୱଳ କସ୍ତୁରୀ ଚୁଆ ଚନ୍ଦନକୁ
ପ୍ରଲେପିଲା ଶ୍ରୀଅଙ୍ଗରେ ।
ପୃଷ୍ଠ ତା'ର ଆଉଁସିଲ...
କୁଞ୍ଜ ହଜିଗଲା ରୂପବତୀ ହେଲା
ଏମିତି କେମିତି କଲ ?
ଏ ଦାସୀ ତୁମର ଛୁଆଁ...
ଝୁରୁଚି ଶୋକରେ ନିଶି ଦିବସରେ
ଜଳେ ବିରହରେ ନିଆଁ !..(୨)

ସ୍ୱାର୍ଥ ପାଇଁ ସିନା କଂସ କଲା ଶତ୍ରୁ
ଗୋପାଙ୍ଗନା ପ୍ରାଣ ତୁମେ
ମଥୁରାରେ କ'ଣ ବହୁଛି ଯମୁନା
ନୂପୁର ତୁଳସୀ ବନେ
ନୀପ ତରୁ ବଂଶୀ ସ୍ୱନ...
ଗୋବତ୍ସା ସହିତେ ପଞ୍ଚସଖାସାଥେ
ଶୋଭା ପାଏ ଗୋବର୍ଦ୍ଧନ
ଦଧିଭାଣ୍ଡ ଭଙ୍ଗା ସ୍ନେହ...
ଗୋପପୁର ସାରା ଶିରୀହରା ପରା
ତୁଟିଲା କେମିତି ମୋହ ?(୩)

ସୁବାସର ତୁମେ ସୁଭାବର ତୁମେ
ଅନେକ ରୂପର ଫୁଲ
ଗୋପପୁରସାରା ଫୁଲଙ୍କ ସାଥିରେ
ସଂପର୍କ ଅମୂଲମୂଲ !
ଭୁଲିଲ କିପରି ଶ୍ୟାମ... ?
ଶ୍ୟାମସୁନ୍ଦର ହେଁ ସୁନ୍ଦର ରୂପକୁ
କଲ କଳା ରାତି ସମ !
ଶ୍ୟାମ ରାତି ତାରା ପରି...
ଖୋଲିଲେ ମୁଦିଲେ ଦିଶୁଚ ନୟନେ
ପ୍ରିୟତମ ବଂଶୀ ଧାରୀ..(୪)


ସାହିତ୍ୟ ସାରାକାଳ,
ବ୍ରହ୍ମ ଆଳୟ ନିତ୍ୟ ନିଳୟ, ଦେଉଳସାହି,
ଓଳାଭର, କେନ୍ଦ୍ରାପଡା-୭୫୪୨୨୭
(ମୋ) ୬୩୭୧୩୮୯୮୭୧


## ହେ ଜଗନ୍ନାଥ !
### ରତ୍ନକାନ୍ତି ମିଶ୍ର



ଅଜଣା ଆତଙ୍କେ ଶିହରି ଉଠଇ ରିକ୍ତ ଲାଗେ ଭବିଷ୍ୟତ
ଆଶାର କିରଣ ନିରୁଦ୍ଦିଷ୍ଟ ଏବେ ଭାଗ୍ୟରବି ଅସ୍ତମିତ,
ବଞ୍ଚିବାରେ ଆଉ ନାହିଁ ସବୁଜିମା ସତେ ଧ୍ୱସ୍ତ ମହୀରୁହ
ନିଦାରୁଣ ସତେ ଅଦୃଷ୍ଟ ନିୟତି ନେତ୍ରେ ମୋ ଭରିଛି ଲୁହ ।।

ଜାଣି ନଥିଲି ମୁଁ ଏ ସାରା ଜଗତ ବିସ୍ମୟ ଲାଗିବ ଦିନେ
ଆତ୍ମଜ ଚାହିଁବ ଯୋଜନ ଦୂରତ୍ୱ ସମୟର ସନ୍ଧିକ୍ଷଣେ,
ଦୁନିଆଟା ସତେ ମାୟା ମରୀଚିକା ସଂପର୍କ ନିରୁତା ମିଛ
ଅଣାୟତ୍ତ ହୁଏ ଜୀବନ ନଉକା ସବୁ ଲାଗେ ତୁଚ୍ଛ ରିକ୍ତ ।।

ଲକ୍ଷ ପାଶେ ମୋର ଏକାନ୍ତବାସର ଶୂନ୍ୟତାର ସମାରୋହ
ହତାଶବୋଧରେ ଛନ୍ଦି ହୁଏ ସତେ ଅଡୁଆ ସୂତାର ଖିଅ,
ସମୟ ସାୟହ୍ନେ ସ୍ମୃତି ସାହାରାରେ ଅତୀତକୁ ଭାଳି ହୁଏ
ନିରାଶା ଅନ୍ଧାରେ ଅଣ୍ଡାଳି ନିଜକୁ ସ୍ୱୀୟ ସ୍ୱପ୍ନ ଭାଙ୍ଗୁଥାଏ ।।

ପ୍ରଭୁ ଶରଣରେ ମୋ ଆଶା ଆକାଂକ୍ଷା ତଥାପି ତ ଉଜ୍ଜୀବିତ
ପ୍ରାପ୍ତି ଅପ୍ରାପ୍ତିର ଉର୍ଦ୍ଧ୍ୱେ ନେଇ ମୋତେ ସଂସିଦ୍ଧ ହେ ଜଗନ୍ନାଥ ।।


ଆଳି, କେନ୍ଦ୍ରାପଡା


## ତୁମ ବିରହରେ ଏଇଠି ଜଳୁଛି
### ନୀଳମଣି ଚାନ୍ଦ



ତୁମ ବିରହରେ ଏଇଠି ଜଳୁଛି
କୁହ ଜାଣିଛ ନା ନାହିଁ
ଆସିଲନି ଥରେ କାରଣଟି ତା'ର
ମୋ'ଠାରୁ ଜାଣିବା ପାଇଁ।

କେତେ ଆସିଥିଲେ ଜଣେଇଲେ ନାହିଁ
ସମବେଦନାଟି ଥରେ
କେହି ମଣିଲେନି ମରମ କଥାକୁ
ସତବୋଲି ପରତରେ
କେତେ ଆସୁଥିଲେ ରହୁ ନ ଥିଲେ କେ
ଦେବାକୁ ମୋତେ ଯେ ଚାହିଁ।

ବୁଝେଇଲ ନାହିଁ ଶେଷ ଥର ପାଇଁ
ଆସି ପାଶେ ବସି ମୋ'ର
ତୁମରି ନୟନୁ ଝରିଲାନି ଥରେ
ମୋ ପାଇଁ ଲୁହର ଧାର
ଅନୁତାପ କରେ କିଆଁ ଯାଉଥିଲି
ପ୍ରୀତି ଦଉଡ଼ରେ ଧାଇଁ।

ଆମ ସମ୍ପର୍କକୁ ଇତିହାସ ଭାବି
ମନୁ ଯିବ ପୂରା ଭୁଲି
କହିଥିଲି ଯେତେ ମନକଥା ମୋ'ର
ଦେବନାହିଁ କେବେ ଖୋଲି
ଶେଷ ଅନୁରୋଧ ଜୀବନରେ କେବେ
ମୋତେ ଭୁଲିଯିବ ନାହିଁ ।


ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

# ସମାଜସେବୀ ରାଜେଶ କୁମାରଙ୍କ ଅଭିନବ ପ୍ରୟାସ



ବାଲେଶ୍ୱର,୨୪/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ମଛଡ଼ିହା ଗ୍ରାମର ଏକ ସମାଜ ସେବି ସଂଗଠନ 'ମହାବୀର ଚାରିଟେବୁଲ ଟ୍ରଷ୍ଟ' ର ପ୍ରତିଷ୍ଠାତା ତଥା ସମ୍ପାଦକ ରାଜେଶ କୁମାର ସେଠୀ ସମାଜ ପାଇଁ ଆଉ ପାଦେ ଆଗକୁ ଯାଇ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି । ସେ ତାଙ୍କର ଦୀର୍ଘଦିନରୁ ସାଇତି ରଖିଥିବା ୪୦ ସେଂମିଟରର କେଶରାସି ପବିତ୍ର ପିଁଛାବନିଆ ଗୁରୁକୂଳ ଆଶ୍ରମ ପରିବେଶରେ କେନ୍ସର୍ ପ୍ରପୀଡ଼ିତ ରୋଗୀଙ୍କ ନିମନ୍ତେ ରାଜସ୍ଥାନର ଏକ ସଂଗଠନ "Inventive Helping Hand Society" କୁ ପ୍ରଦାନ କରିଛନ୍ତି । ତାଙ୍କର ଏହି ମହାନ କାର୍ଯ୍ୟ ପାଇଁ ଆଶ୍ରମରେ ଥିବା ଅନେକ ସାଧୁ ସନ୍ଥ ବିଦ୍ୱାନ ଧର୍ମାତ୍ମା ତାଙ୍କୁ ପ୍ରଶଂସା କରିବା ସହିତ ଆଶୀର୍ବାଦ ମଧ୍ୟ ଦେଇଥିଲେ ଓ ସେ ମଧ୍ୟ ମତ ରଖିଛନ୍ତି ବଂଚିଥିବା ପର୍ଯ୍ୟନ୍ତ ଯେତେ ଥର ସମ୍ଭବ ସେ ଏମିତି ବାରମ୍ବାର ଦାନ କରୁଥିବେ ଏବଂ ସେ ଅନ୍ୟମାନଙ୍କୁ ମଧ୍ୟ ଏ ମହାନ ଦାନରେ ଅଂଶଗ୍ରହଣ କରିବାକୁ ମଧ୍ୟ ପ୍ରେରଣା ଦେଇଛନ୍ତି ।ଶେଷରେ ସମାଜର ମଙ୍ଗଳ କାମନା ତଥା କେନ୍ସର ପ୍ରପୀଡିତଙ୍କ ନିରାମୟ ଜୀବନ ଉଦ୍ଦେଶ୍ୟରେ ପବିତ୍ର ଦେବ ଯଜ୍ଞ କରି ତାଙ୍କ କାର୍ଯ୍ୟ ସମାପନ କରିଥିଲେ ।

# ଭୁବନ ହାଇସ୍କୁଲ ୧୯୭୫ ମାଟ୍ରିକ ବ୍ୟାଚର ସ୍ୱର୍ଣ୍ଣ ଜୟନ୍ତୀ ଓ ବନ୍ଧୁ ମିଳନ

ଭୁବନ,୨୪/୩ (ନି.ପ୍ର): ଭୁବନ ଉଚ୍ଚ ବିଦ୍ୟାଳୟ ୧୯୭୫ ମାଟ୍ରିକ ବ୍ୟାଚ ର ୫୦ ତମ (ସ୍ୱର୍ଣ୍ଣ ଜୟନ୍ତୀ) ସପରିବାର ବନ୍ଧୁ ମିଳନ ଓ ଗୁରୁ ପୂଜନ କାର୍ଯ୍ୟକ୍ରମ ବୁଦ୍ଧେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ରାଜ କିଶୋର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ବ୍ରହ୍ମାନନ୍ଦ ସାହୁ ସ୍ୱାଗତ ଭାଷଣ ଦେଇ ସମସ୍ତ ସାଥି ମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ମୁଖ୍ୟ ଅତିଥି ଭାବେ ଭୁବନ ଉଚ୍ଚ ବିଦ୍ୟାଳୟ ର ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ଚୈତନ୍ୟ ମିଶ୍ର ଯୋଗଦେଇ ବର୍ତ୍ତମାନ ସମସ୍ତଙ୍କ ର ଅବସର ଜୀବନ । ଏହି ସମୟ ସ୍ୱାମୀ ସ୍ତ୍ରୀ, ପୁଅ, ଝିଅ, ନାତି, ନାତୁଣୀଙ୍କ ଗହଣରେ ବିତାଇବା କଥା । କିନ୍ତୁ, ଆଜିକାଲି ପ୍ରତ୍ୟେକ ପରିବାରରେ କେବଳ ସ୍ୱାମୀ ସ୍ତ୍ରୀ ଙ୍କ ବ୍ୟତୀତ ଆଉ ସମସ୍ତେ ବାହାରେ ରହୁଛନ୍ତି । କେବଳ ସ୍ୱାମୀ ସ୍ତ୍ରୀ ଘର ଜଗୁଛନ୍ତି । ତେଣୁ ଉଭୟ ଙ୍କ ମଧ୍ୟରେ ସୁସମ୍ପର୍କ ଓ ସକାରାତ୍ମକ ଚିନ୍ତାଧାରା ରହିଲେ ଅବଶିଷ୍ଟ ଜୀବନ ହସ ଖୁସିରେ କଟିବ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ଶ୍ରୀଯୁକ୍ତ ମିଶ୍ର ଙ୍କୁ ପୁଷ୍ପଗୁଚ୍ଛ,ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସୁନିଲ କୁମାର ମଣ୍ଡଳ, ନୀଳମଣି ସାହୁ, ଗଣେଶ୍ୱର ରାଉତ, ରମେଶ ଚନ୍ଦ୍ର ପରିଡା, ଗୋକୁଳ ଚନ୍ଦ୍ର ସାହୁ, ଈଶ୍ୱର ଚନ୍ଦ୍ର ଅଗ୍ରୱାଲ, ପ୍ରଦୀପ୍ତ କୁମାର ବିଶ୍ୱାଳ, ଆମ୍ବୁଜ କୁମାର ଚିନରା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ। ପ୍ରାରମ୍ଭରେ ସମସ୍ତ ସାଥି ମାନେ ବାବା ବୁଦ୍ଧେଶ୍ୱର ଙ୍କୁ ଦର୍ଶନ କରି ଆଶିଷଲାଭ କରିଥିଲେ ଓ ସମସ୍ତଙ୍କୁ ଉତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ବ୍ରହ୍ମାନନ୍ଦ ସାହୁ, ବେଣୁଧର ଗୁରୁ ପରିଚାଳନା କରିଥିବା ବେଳେ ଗଦାଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୋଟର ସଚେତନତା କର୍ମଶାଳା ଆୟୋଜନ

ଜୟପୁର,୨୪/୩ (ନି.ପ୍ର): ସରକାରୀ ମହିଳା ମହାବିଦ୍ୟାଳୟର ରାଷ୍ଟ୍ରୀୟ ସେବା ଯୋଜନା ଓ ଜୟପୁର ମ୍ୟୁନିସିପାଲିଟିର ମିଳିତ ଆନୁକୁଲ୍ୟରେ ଭୋଟର ସଚେତନ ଶିକ୍ଷା ସମ୍ବନ୍ଧୀୟ ଏକ କର୍ମଶାଳା ସଫଳ ଭାବେ ଆୟୋଜନ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ ପୂର୍ବକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ବିବେକାନନ୍ଦ ସୁନା ସୁସ୍ଥ ଗଣତାନ୍ତ୍ରିକ ରାଷ୍ଟ୍ରଟିଏ ଗଢ଼ିବାକୁ ହେଲେ ମତଦାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଜୟପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଧୀନ ନିର୍ବାଚନ ବିଭାଗୀୟ ଅଧିକାରୀ ମାନେ ଉକ୍ତ କାର୍ଯ୍ୟ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିଥିଲେ। ଦେଶର ବୃହତର ସ୍ୱାର୍ଥ ଉଚିତ ପ୍ରତିନିଧି ଚୟନ ନିମନ୍ତେ ନିଜର ବହୁମୂଲ୍ୟ ଭୋଟ ଦେଇ ଭୋଟଦାନ ଜନିତ ଅଧିକାରକୁ ସାବ୍ୟସ୍ତ କରିବା ସମ୍ବନ୍ଧରେ ମତ ଦେଇଥିଲେ। ଭାରତୀୟ ନିର୍ବାଚନ ଆୟୋଗ ତରଫରୁ ଭୋଟର ହେଲ୍ପଲାଇନ ଆପ୍ଲିକେଶନ ମାଧ୍ୟମରେ ପିଲାମାନେ ନିଜ ନିଜର ନାମ ପଞ୍ଜିକରଣ କରି ନିର୍ବାଚନ ମଣ୍ଡଳୀରେ ନିଜର ମତ ଦାନ କରିପାରିବେ ବୋଲି ବିଭାଗୀୟ ଅଧିକାରୀ ଦର୍ଶାଇଥିଲେ। ଏହି କାର୍ଯ୍ୟକ୍ରମକୁ ଡଃ. ଡମ୍ବରୁଧର ଦାସ ସଂଚାଳନ କରିଥିଲା ବେଳେ ରାଷ୍ଟ୍ରୀୟ ସେବା ଯୋଜନା ଅଧିକାରୀ ଶ୍ରୀମତୀ ସୁନିତା କୁମାରୀ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ। ସମସ୍ତ ଛାତ୍ରୀ ଓ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଏହାକୁ ସଫଳ ମଣ୍ଡିତ କରିଥିଲେ।

# ବ୍ରହ୍ମବରଦା-ରୁଦ୍ରପୁର ସେତୁ ବ୍ରାହ୍ମଣୀ ନଦୀ ବନ୍ଧ ରାସ୍ତା ଅଧପନ୍ତରିଆ, ଠିକାଦାର ଛୁ : ପାଣିରେ ପଡିବ ୭ କୋଟି : ତେଜୁଛି ଜନଅସନ୍ତୋଷ

ଧର୍ମଶାଳା,୨୪/୩ (ନି.ପ୍ର): ସାମାନ୍ୟ ବର୍ଷା ହେଲେ ନଦୀ ବନ୍ଧ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡୁଛି । ଫଳରେ ନଦୀ ବନ୍ଧ ରାସ୍ତାରେ ଯାତାୟତ କରୁଥିବା ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହୋଇ ଆସୁଥିଲେ । ବାରମ୍ବାର ଅଭିଯୋଗ ପରେ ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ନଦୀ ବନ୍ଧ ପୁନଃରୁଦ୍ଧାର ନିମନ୍ତେ ଗରୁତର ସହ ନେଇଥିଲା । ହେଲେ ୫ ବର୍ଷ ବିତି ଯାଇଥିଲେ ମଧ୍ୟ ବନ୍ଧ ମରାମତି ଓ ସମ୍ପ୍ରସାରଣ କାର୍ଯ୍ୟ ଅଧାରେ ଅଟକିଛି । ଯାହାକୁ ନେଇ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ରସୁଲପୁର ବ୍ଲକ ବରୀ ନିର୍ବାଚନ ମଣ୍ଡଳୀ କ୍ଷେତ୍ରରେ । ଜଳ ସମ୍ପଦ ବିଭାଗ ଜାରକା ଡିଭିଜନ ବରୀ ଉପଖଣ୍ଡ ଅଧିନରେ ଥିବା ବ୍ରହ୍ମବରଦା ବ୍ରାହ୍ମଣୀ ସେତୁଠାରୁ ରୁଦ୍ରପୁର ସେତୁ ପର୍ଯ୍ୟନ୍ତ ବନ୍ଧ ଅବସ୍ଥା ଶୋଚନୀୟ ହୋଇପଡିଥିଲା । ନିର୍ବାଚନ ସମୟରେ ସ୍ଥାନୀୟ ୧୦ ଗୋଟି ପଂଚାୟତର ଜନସାଧାରଣ ବରୀର ତତ୍କାଳୀନ ବିଧାୟିକା ସୁନନ୍ଦ ଦାସ ଓ ଜିଲା ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ । ଏହାକୁ ଦୃଷ୍ଟିରେ ରଖି ବରୀ ଉପଖଣ୍ଡ ଅଧିନସ୍ଥ ବ୍ରାହ୍ମଣୀ ଦକ୍ଷିଣ ପାଶ୍ୱର୍ ନଦୀ ବନ୍ଧର ପୁନଃରୁଦ୍ଧାର ନିମନ୍ତେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ନାବାର୍ଡ ସହାୟତାରେ ପାଖାପାଖି ୭ କୋଟି ଟଙ୍କା ଅର୍ଥ ଯୋଗାଇ ଦିଆଯାଇଥିଲା । ୨୧।୨।୨୧ ମସିହାରେ ତତ୍‌?କାଳୀନ ବରୀ ବିଧାୟିକା ସୁନନ୍ଦ ଦାସ ଏହା ଭିତିପ୍ରସ୍ତର ସ୍ଥାପନ କରିଥିଲେ । କିଛି ଦିନ ବନ୍ଧ ସମ୍ପ୍ରସାରଣ ଓ ମରାମତି କାର୍ଯ୍ୟ ଆଗେଇ ଯାଇଥିବା ବେଳେ ଆଜକୁ ୪ ବର୍ଷ ବିତି ଯାଇଥିଲେ ମଧ୍ୟ ଏହି ବନ୍ଧ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ । ମରାମତି ସମୟରେ ଠିକାଦାର ବନ୍ଧର ଉପରିଭାଗକୁ କାଟି ଦେବା ସହ ସମ୍ପ୍ରସାରଣ ନିମନ୍ତେ ବନ୍ଧରେ ବାଲି ମାଟି ପକାଇ ଦେଇଥିଲା । ଫଳରେ ମାତ୍ର ୪ ମାସ କାମ ହୋଇଥିଲା । ବ୍ରହ୍ମବରଦା, ବନ୍ଧଡିହ ଆଦି ସ୍ଥାନମାନଙ୍କରେ ବନ୍ଧରେ ଖାଲଖମା ଭର୍ତି ହେଲାଣି । ବହୁ ସ୍ଥାନରେ ନୂତନଭାବେ ନିର୍ମିତ ହୋଇଥିବା ପଥର ପ୍ୟାକିଂ ଧସି ଗଲାଣି । ଏବେ କାମ ବନ୍ଦ ହୋଇ ଯାଇଥିବା ବେଳେ ବନ୍ଧରେ ପାଣି ଜମିବା ସହ କାଦୁଅ ଭରି ଯାଇଥିଲା । ଫଳରେ ଯାତାୟତ ସମୟରେ ଲୋକେ ବହୁ ହଇରାଣ ହରକତ ହେବାକୁ ପଡିଥିଲା । ବାରମ୍ବାର ଅଭିଯୋଗ ପରେ କିଛି ସ୍ଥାନରେ ଡଷ୍ଟ ପକାଇ ଠିକାଦାର ତା କାମ ସାରି ଦେଇଥିଲା । ଅନେକ ସମୟରେ ଡଷ୍ଟ ଗୁଣ୍ଡ ଉଡି ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ହେଲେ ଏବେ ଏହି ନଦୀ ବନ୍ଧ ରାସ୍ତା ଅବସ୍ଥା ଆଗ ବନ୍ଧଠାରୁ ବହ ଦୃବଳ ହୋଇଛି । ବହୁ ସ୍ଥାନରେ ରେନ କଟ ହୋଇଥବା ବେଳେ ବନ୍ଧ ଉପରେ ପାଣି ଜମି ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେବା ସହ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଏନେଇ ବାରମ୍ବାର ସ୍ଥାନୀୟ ଲୋକପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏବଂ ବନ୍ଧଡିହ ପଂଚାୟତ କଣ୍ଡିଆଠାରେ ଘେରି ବନ୍ଧ ଭାଙ୍ଗି ଯାଇ ବହୁ ପରିବାର ଜଳବନ୍ଦୀ ହୋଇଥିଲେ । ଏବେ ଏହି ଘେରିବନ୍ଧ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡି ରହିଛି । ଏବଂ ଏହି ମୁଖ୍ୟ ନଦୀ ବନ୍ଧ ଉପରେ ଏକ ବିରାଟ ଘାଇ ହୋଇ ୨୦ ଗୋଟି ପଂଚାୟତ ବନ୍ୟା ଜଳରେ ପ୍ରଭାବିତ ହୋଇଥିଲା । ଘାଇ ସମୟରେ ବାରମ୍ବାର ବିଭାଗୀୟ ଅଧିକାରୀ ଓ ଜିଲାପାଳ ଘଟଣାସ୍ଥଳରେ ପଂହଚି ଏହି ନଦୀ ବନ୍ଧକୁ ସୁଦୃଢ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ହେଲେ ପ୍ରତିଶୃତି ପ୍ରତିଶୃତିରେ ରହିଗଲା ବୋଲି ଗ୍ରାମବାସୀ କହିଛନ୍ତି । ଏବଂ ଚଳିତ ବର୍ଷ ବନ୍ୟା ଆସିଲେ ପୁଣି ଘାଇ ହେବା ସମ୍ଭାବନା ଥିବା କହିଛନ୍ତି ଗ୍ରାମବାସୀ । ତୁରନ୍ତ ଜିଲା ପ୍ରଶାସନ ଦୃଷ୍ଟି ଦେଇ କାର୍ଯ୍ୟ ଶେଷ କରିବାକୁ ଅନୁରୋଧ କରିଛନ୍ତି । ତେବେ କେତେଦିନ ଏଭଳି ଖାଲଖମାରେ ଯିବା ଆସିବା କରିବେ ତାହାକୁ ନେଇ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ୍ । ବନ୍ୟା ଓ ଲଗାଣ ବର୍ଷା ଆସିବା ପୂର୍ବରୁ ମରାମତି କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ପୂର୍ବତନ ବନ୍ଧଡିହ ପଂଚାୟତର ସରପଂଚ ବିଜୟ ଜେନା, ସନ୍ତୋଷ ସାହୁ, ଦୀନବନ୍ଧ ଦାସ, ସୁରେନ୍ଦ୍ର ସାହୁ, ମନୋରଂଜନ ସାହୁ, ଅକ୍ଷୟ ମହାନ୍ତି, ନିରୂପମା ସାହୁ ଓ ମନୋରମା ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ବରିଷ୍ଠ ନାଗରିକ ସୁରକ୍ଷା ମଂଚର ଅଷ୍ଟମ ବାର୍ଷିକୋତ୍ସବ

ପୁରୀ,୨୪/୩ (ନି.ପ୍ର): ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ସୁରକ୍ଷା ମଂଚ ପକ୍ଷରୁ ରବିବାର ପୂର୍ବାହ୍ନରେ ସର୍ବୋଦୟ ନଗର ସ୍ଥିତ ଶିରିଡି ସାଇ ମନ୍ଦିର ପରିସରରେ ଅଷ୍ଟମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଶ୍ରୀ ଖୁଂଟିଆ କହିଲେ, ବରିଷ୍ଠ ନାଗରିକ ମାନଙ୍କୁ ସବୁ ସୁବିଧା ଯୋଗାଇ ଦେବା ଆମ୍ଭମାନଙ୍କ କର୍ତବ୍ୟ । ସେମାନେ ସୁସ୍ଥ ଓ ନିରୋଗ ରହିବା ସହ ଯୁବ ସମାଜକୁ ଦିଗଦର୍ଶନ ଦେବା ପାଇଁ ପରାମର୍ଶ ଦେଇଥିଲେ । ଉତ୍ସବରେ ଭୀମସେନ ପଣ୍ଡା ସଭାପତିତ୍ୱ କରିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସକ ବିନୋଦ କୁମାର ପଣ୍ଡା ଯୋଗଦେଇ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ସାଧାରଣ ସମ୍ପାଦକ କୃତିବାସ କାମଲା ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଅନୁଷ୍ଠାନର ଅଭାବ ଅସୁବିଧା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ୨୦୧୭ ମସିହାରୁ ଏହି ଅନୁଷ୍ଠାନ ଅବକାଶ ଲେନ ସ୍ଥିତ ମଙ୍ଗଳ ମଣ୍ଡପ ଠାରେ ଆରମ୍ଭ ହୋଇଥିଲା । ଆଜି ପର୍ଯ୍ୟନ୍ତ ୩୮୦ ଜଣ ବରିଷ୍ଠ ସଭ୍ୟ ଓ ସଭ୍ୟା ରହିଛନ୍ତି । ଅନୁଷ୍ଠାନ ପକ୍ଷରୁ ସୋମ,ବୁଧ ଓ ଶୁକ୍ରବାର ଅପରାହ୍ନ ୫ଟାରୁ ସଂଧ୍ୟା ୭ଟା ପର୍ଯ୍ୟନ୍ତ ସମସ୍ତଙ୍କୁ ଶଶୀକଳା ଧାନୁକା ଆରୋଗ୍ୟମ ଏବଂ ବରିଷ୍ଠ ନାଗରିକ ସୁରକ୍ଷା ମଂଚ ମିଳିତ ଆନୁକୂଲ୍ୟରେ ସସ୍ମିତା ଦାଶ ଓ ଡାକ୍ତର ଦୀପକ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ମାଗଣା ହୋମିଓପାଥିକ ଚିକିତ୍ସା, ପରାମର୍ଶ ଓ ଔଷଧ ବିତରଣ କରାଯାଉଅଛି । ପ୍ରଶାସନ ସହ ସହଯୋଗ ଓ ରଥଯାତ୍ରାରେ ସେବାକାର୍ଯ୍ୟ, ପାନୀୟଜଳ ବଂଟନ ଓ ଶୁଖିଲା ଖାଦ୍ୟ ବଂଟନ କରାଯାଉଛି । ଏହି ଅବସରରରେ ଅନୁଷ୍ଠାନର ନୂତନ କର୍ମକର୍ତା ମନୋନୀତ ହୋଇ ସଭ୍ୟ ସଭ୍ୟା ମାନଙ୍କ ଦ୍ୱାରା ସମର୍ଥନ ଦିଆଯାଇଥିଲା । ଏଥିରେ ସଭାପତି ଭାବେ କାଶୀନାଥ ମିଶ୍ର, କାର୍ଯ୍ୟକାରୀ ସଭାପତି ରବିନାରାୟଣ ପ୍ରହରାଜ, ଉପସଭାପତି ପ୍ରମୋଦ କୁମାର ମିଶ୍ର, ସାଧାରଣ ସମ୍ପାଦକ କୃତିବାସ କାମଲା, ସହ ସମ୍ପାଦକ ଗୋପୀନାଥ ମହାନ୍ତି,କୋଷାଧ୍ୟକ୍ଷ ଭାବେ ଅଶୋକ କୁମାର ପଟ୍ଟନାୟକ ମନୋନୀତ ହୋଇଥିଲେ । କାର୍ଯ୍ୟକାରୀ ସଭ୍ୟ ଭାବେ ସଂଗ୍ରାମ କେଶରୀ ମିଶ୍ର, ତ୍ରିଲୋଚନ ନନ୍ଦ, ପ୍ରଦେଶ କୁମାର ଜେନା, ସୁଧାକର ପ୍ରଧାନ, ପ୍ରଫୁଲ୍ଲ କୁମାର ସାହୁ, ରାଜକିଶୋର ସାସମଲ, ବିପିନ ବିହାରୀ ତ୍ରିପାଠୀ ମନୋନୀତ ହୋଇଥିଲେ । ଏଥିସହ କୋଣାର୍କ ଶାଖାର ସଭାପତି ଶକ୍ତିଦେବ ଶତପଥୀ ଉତ୍ସବରେ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ ମାନଙ୍କୁ ଶ୍ରୀମନ୍ଦିରରେ ସୁଖଦ ଦର୍ଶନ ବ୍ୟବସ୍ଥା, ମେଡିକାଲ ସୁବିଧା ସୁଯୋଗ ସହ ଟେନ ଓ ବସରେ ସିଟ ସଂରକ୍ଷଣ ସହ ରିହାତି ଯୋଗାଇ ଦେବାକୁ ଦାବି ହୋଇଥିଲା । ଅନୁଷ୍ଠାନର ନିଜସ୍ୱ ଜାଗା ଓ ଗୃହ ନିର୍ମାଣ ପାଇଁ କର୍ମକର୍ତା ମାନେ ରାଜ୍ୟସଭା ସାଂସଦ ନିକଟରେ ଦାବି ଉପସ୍ଥାପନ କରିଥିଲେ । ସ୍ୱର୍ଗବାସୀ ହୋଇଯାଇଥିବା ଅନୁଷ୍ଠାନର ସଭ୍ୟ ସଭ୍ୟା ମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ଶହୀଦ୍-ଏ-ଆଜମ୍ ଭଗତ୍ ସିଂ ସ୍ମୃତି ଦିବସ ପାଳିତ

ଜୟପୁର,୨୪/୩ (ନି.ପ୍ର): ଜୟପୁର ଯାଦବ ଭବନ ଠାରେ ଶହୀଦ୍-ଏ-ଆଜମ୍ ଭଗତ୍ ସିଂ,ଶୁଖଦେବ୍ ଓ ରାଜଗୁରୁ ଙ୍କ ସ୍ମୃତି ରେ ଏକ ସଭା ଶ୍ରୀ ପ୍ରମୋଦ କୁମାର ମହାନ୍ତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାଗଜ କଳ ଶ୍ରମିକ ସଂଘ ର ସାଧାରଣ ସମ୍ପାଦକ ପ୍ରଦୀପ ପାଞ୍ଜିଆ ଆରମ୍ଭ ରେ ଗତ ତା୨୧.୦୩.୨୦୨୫ରେ ମୃତ୍ୟୁ ବରଣ କରିଥିବା କାଗଜ କଳ ର ଅବସରପ୍ରାପ୍ତ ଶ୍ରମିକ ସ୍ୱର୍ଗତ କୈଳାସ ମହାରଣାଙ୍କ ସ୍ମୃତି ରେ ଏକ ମିନିଟ୍ ନିରବ ପ୍ରାର୍ଥନା ପାଇଁ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ନୀରବ ପ୍ରାର୍ଥନା ପରେ ସିପିଆଇ ଜିଲ୍ଲା ସଂପାଦକ ଯୁଧିଷ୍ଠିର ରାଉଳ ଭଗତ୍ ସିଂଙ୍କ ପ୍ରଦର୍ଶିତ ପଥରେ ଚାଲି ସମାଜବାଦ ପ୍ରତିଷ୍ଠା ପାଇଁ ଆନ୍ଦୋଳନ ଜାରି ରଖିଛି। ଏବର୍ଷ ସିପିଆଇ ତାର ଶତବାର୍ଷିକୀ ଉତ୍ସବ ପାଳନ ଚାଲିଥିଲା ବେଳେ ଏପ୍ରିଲ୍ ୧୪ ବାବା ସାହେବ ଡକ୍ଟର ଭୀମ ରାଓ ଆମ୍ବେଦକରଙ୍କ ଜୟନ୍ତି ପର୍ଯ୍ୟନ୍ତ ସମାଜବାଦ, ଧର୍ମନିରପେକ୍ଷ ଓ ସମ୍ବିଧାନ ର ସୁରକ୍ଷା ପାଇଁ ଅଭିଯାନ ଚଳେଇବ । ଆଗାମୀ ଏପ୍ରିଲ ଦୁଇ ରେ ଟାଟା ପାୱାର ର ମନମାନୀ , ବିଦ୍ୟୁତ ଦେୟ ବୃଦ୍ଧି ବିରୁଦ୍ଧରେ ବିଦ୍ୟୁତ୍ ବିଭାଗ ଅଫିସ୍ ଆଗରେ ବିକ୍ଷୋଭ ହେବ । ଦରଦାମ ବୃଦ୍ଧି,ବେକରୀ ସମସ୍ୟା, ଦରବୃଦ୍ଧି, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାରେ କେନ୍ଦ୍ର ସରକାରଙ୍କ ଅପାରଗତା ବିରୁଦ୍ଧରେ ସମସ୍ତ ବ୍ଲକରେ ଆନ୍ଦୋଳନ ହେବ । ଶ୍ରୀ ରାମକୃଷ୍ଣ ଦାସ ଆସନ୍ତା ମାର୍ଚ୍ଚ ୨୮ ରେ ଯୁବ ସଂଘ ର ଜିଲ୍ଲା କନଭେନସନ୍ କୁ ସଫଳ କରିବା ପାଇଁ ନିବେଦନ କରିଥିଲେ । ଭଗତ୍ ସିଂ ଙ୍କ ପ୍ରଦର୍ଶିତ ମାର୍ଗ ହିଁ ଆମର ଭରସା ଏବଂ ତାକୁ ପାଥେୟ କରି ଆମେ ଲଢୁଛୁ ଏବଂ ସଫଳ ହେବା ପର୍ଯ୍ୟନ୍ତ ଲଢ଼ିବାକୁ ଆହ୍ୱାନ ଦେଇଛନ୍ତି। ସଭାପତି ପ୍ରମୋଦ କୁମାର ମହାନ୍ତି, ପ୍ରମୋଦ କୁମାର ତିୱାରୀ, ଅଲେଖ ପାତ୍ର, କେ.ସତ୍ୟନାରାୟଣା ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

# ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ 'ମହିଳା ସଶକ୍ତିକରଣ'କୁ ଗୁରୁତ୍ୱ

ମାଲକାନଗିରି,୨୪/୩ (ନି.ପ୍ର): କୁଡୁମୁଲୁଗୁମ୍ମା ସ୍ଥିତ ଲ୍ୟାମ୍ପ ପରିସରରେ ରାଜ୍ୟ ସମବାୟ ବିଭାଗ ଓ ମହିଳା ସଶକ୍ତିକରଣ ଆନୁକୁଲ୍ୟରେ ଏକ ବାର୍ଷିକ ସାଧାରଣ ସମବାୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି ବୈଠକରେ ମାଲକାନଗିରି ଜିଲ୍ଲା ସମବାୟ ସମୂହ ବରିଷ୍ଠ ସହକାରୀ ନିବନ୍ଧକ ଥିଲୋପାତି ଶବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗୀ ସଭାପତିତ୍ୱ କରିଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ କୁଡୁମୁଲୁଗୁମ୍ମା ସରପଂଚ ମଙ୍ଗଳା ମାଢୀ, ଲ୍ୟାମ୍ପ ଡାଇରେକ୍ଟର ସାଧୁ ହନ୍ତାଳ, ଭଗବାନ ସାହୁ,ହରୀ ମାଢୀ , ପହଲା ପାଙ୍ଗୀ ଓ ତ୍ରିନାଥ ସଗରୀଆ ପ୍ରମୁଖ ଉପସ୍ଥିତ ଥିଲେ ଓ କାର୍ଯ୍ୟକ୍ରମ କୁ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ରମେଶ ଚନ୍ଦ୍ର ରାଉତ ପରିଚାଳନା କରିଥିଲେ । ଯେହେତୁ ଆଜିର କାର୍ଯ୍ୟକ୍ରମଟି ଚଳିତ ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ କୁ ସମ୍ପୂର୍ଣ୍ଣ ଭାବେ ମହିଳା ମାନଙ୍କ ସଶକ୍ତିକରଣ ଉପରେ ପର୍ଯ୍ୟବେସିତ ଓ ସମର୍ପୀତ, ଏହି ଉଦ୍ଦେଶ୍ୟରେ ମୁଖ୍ୟ ଅତିଥି ଶ୍ରୀ ଶବର କହିଥିଲେ ଯେ ମହିଳା ମାନଙ୍କ ଆର୍ଥିକ ଅବସ୍ଥା ସୁଧାରିବା ସହ ପାରିବାରିକ ଜୀବନ ଶୈଳୀରେ ସୁଧାର ଆଣିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ମାନ ପ୍ରଣୟନ କରିଛନ୍ତି, ତା ମଧ୍ୟରୁ ପ୍ରତ୍ୟେକ ପଂଚାୟତରେ କୃଷି ସମବାୟ ସମିତି ଗଠନ ଓ ସମସ୍ତ ପ୍ୟାକ୍ସ ମାନଙ୍କୁ ୫ ଲକ୍ଷ ଟଙ୍କାର ସିଡ୍ ମନି ସହାୟତା ପ୍ରଦାନ, ପଂଚାୟତରେ ପ୍ରଧାନମନ୍ତ୍ରୀ କୃଷି ବୃଦ୍ଧି ସମୃଦ୍ଧି କେନ୍ଦ୍ର ସ୍ଥାପନ, ଅତ୍ୟାଧୁନିକ ଗୋଦାମ ଗୃହ ନିର୍ମାଣ, କିଷାନ କ୍ରେଡିଟ କାର୍ଡ ଜରିଆରେ ୫ ଲକ୍ଷ ଟଙ୍କାକୁ ବୃଦ୍ଧି ତଥା ସ୍ୱୟଂ ସହାୟିକା ଦଳର ସଦସ୍ୟା ମାନଙ୍କୁ କୃଷି ଋଣ ରିହାତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କୁ ଦୀର୍ଘ ମିଆଦୀ କୃଷି ଋଣ ରିହାତି ପ୍ରଦାନ ସହ କ୍ଷୁଦ୍ର ଜଳସେଚନ, ଉଦ୍ୟାନ କୃଷି ,ଗୋପାଳନ ତଥା କୃଷି ଯନ୍ତ୍ରପାତି କ୍ରୟରେ ୭ % ପର୍ଯ୍ୟନ୍ତ ସୁଧ ରିହାତି ପ୍ରଦାନ କରାଯାଇଥିବା ଉଲ୍ଲେଖ କରିଥିଲେ। ଆଜିର ଏହି ବୈଠକରେ ପାଖାପାଖି ୨୦୦ ରୁ ଉର୍ଦ୍ଧ ମହିଳା ଯୋଗ ଦେଇଥିଲା ବେଳେ ୫୦ ରୁ ଉର୍ଦ୍ଧ ପୁରୁଷ କୃଷକ ମାନେ ଯୋଗ ଦେଇଥିଲେ । ପରିଶେଷରେ ଲ୍ୟାମ୍ପ ପରିଚାଳକ ଶ୍ରୀ ରାଉତ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ ସହ ବୈଠକରେ ଉପସ୍ଥିତ ସମସ୍ତ ମହିଳା ମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇ ବୈଠକ ପରି ସମାପ୍ତି ଘୋଷଣା କରିଥିଲେ ।

# ଅଙ୍ଗନବାଡି କେନ୍ଦ୍ରରେ ପାଣି ଓ ରାସ୍ତା ବ୍ୟବସ୍ଥା ନାହିଁ

ଜୟପୁର,୨୪/୩ (ନି.ପ୍ର): ରାଜ୍ୟ ସରକାର ମହିଳା ଓ ଶିଶୁ ବିକାଶ ବିଭାଗକୁ ଗୁରୁତ୍ୱ ଦେଉଛନ୍ତି। ମାତ୍ର ଅଙ୍ଗନବାଡି ଛାତ୍ରଛାତ୍ରୀମାନେ କିଭଳି ହିନସ୍ତା ହେଉଛନ୍ତି । ନୂତନ ଅଙ୍ଗନବାଡି କେନ୍ଦ୍ରରେ ପାଣି ଓ ରାସ୍ତା ବ୍ୟବସ୍ଥା ନାହିଁ । ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ମାଠପଡା ପଂଚାୟତର ରୁପୁଗୁଡା ଅଙ୍ଗନବାଡ଼ି କେନ୍ଦ୍ରରେ ଯିବାଆସିବା କରିବା ପାଇଁ ସବୁ ଦିନିଆ ରାସ୍ତାଟିଏ ନାହିଁ ଏବଂ ବିଶୁଦ୍ଧ ପିଇବା ପାଇଁ ପାଣିର ବ୍ୟବସ୍ଥା ମଧ୍ୟ କରାଯାଇନାହିଁ। ଏହି କେନ୍ଦ୍ରରେ ନିୟମିତ ମହିଳା ଓ ଶିଶୁଙ୍କୁ ପୃଷ୍ଟିକର ଖାଦ୍ୟ ଯୋଗାଇବା ସହ ପ୍ରି-ସ୍କୁଲ ପିଲାଙ୍କୁ ଶିକ୍ଷା ପ୍ରଦାନ କରାଯାଉଛି । ରୁପୁଗୁଡା ଅଙ୍ଗନବାଡ଼ି କେନ୍ଦ୍ରକୁ ତେନ୍ତୁଳିପଦର, ବାରଙ୍ଗପଦର ଏବଂ ରୁପୁଗୁଡା ଭଳି ତିନୋଟି ଗ୍ରାମର ୨୫ ଜଣ ଶିଶୁ ପ୍ରାକ୍ ଶିକ୍ଷା ଗ୍ରହଣ କରିବାକୁ ଆସିଥାନ୍ତି। ବୈପାରିଗୁଡା ଗୁପ୍ତେଶ୍ୱର ମୁଖ୍ୟ ରାସ୍ତା ଠାରୁ ୨ ଶହ ମିଟର ଦୂରରେ ଏହି କେନ୍ଦ୍ର ଖୋଲାଯାଇଛି। କିନ୍ତୁ, କେନ୍ଦ୍ରରେ ନଳକୂପ ଟିଏ ଖୋଳା ଗଲା ନାହିଁ। ଗାଁ ମୁଣ୍ଡରେ ଥିବା ନଳକୂପରୁ ରୋଷେୟା ପାଣି ଆଣିଲେ ବ୍ୟବହାର କରନ୍ତି ପିଲାମାନେ । ଏଥିସହ ଶିଶୁ ମାନଙ୍କ ପାଇଁ ଯିବାଆସିବା କରିବା ପାଇଁ ଆଜି ପର୍ଯ୍ୟନ୍ତ ସବୁ ଦିନିଆ ରାସ୍ତାଟିଏ ମଧ କରାଯାଇ ପାରିଲା ନାହିଁ।

# ନକଲି ମୋବିଲି କାରଖାନା ଠାବ : ୨ ଗିରଫ

ରାଉରକେଲା,୨୪/୩ (ନି.ପ୍ର): ଦୀର୍ଘ ୧ ବର୍ଷ ଧରି ରାଉରକେଲା ପୋଲିସ ଜିଲ୍ଲାର ବିଶ୍ରା ଥାନା ଠାରୁ ୪ କି.ମି. ଦୂରରେ ଥିବା ଏକ ଘରେ ଚାଲିଥିଲା ନକଲି ମୋବିଲି କାରଖାନା । କୌଣସି ସୂତ୍ରରୁ ଏ ସମ୍ପର୍କରେ ଖବର ପାଇ ଆଜି ରାଉରକେଲା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ ସେଠାରୁ ସିଲ୍ ହୋଇଥିବା ନାମୀଦାମୀ କମ୍ପାନୀର ୧ ଲିଟର ବିଶିଷ୍ଟ ନକଲି ମୋବିଲି ଓ ବହୁ ପରିମାଣର ପାଉଡ଼ କୁ ପୋଲିସ ଜବତ କରିଛି । ଘଟଣାରେ ୨ ଜଣଙ୍କୁ ଗିରଫ କରିଛି । ଏଠାରେ ଉଲ୍ଲେଖଯୋଗ୍ୟ, ଏଠାରେ ପ୍ରସ୍ତୁତ ହେଉଥିବା ବହୁଳ ପରିମାଣର ନକଲି ମୋବିଲିକୁ ରାଜ୍ୟର ବିଭିନ୍ନ ଜିଲ୍ଲା ତଥା ରାଜ୍ୟ ବାହାରକୁ ଚାଲାଣ କରାଯାଉଥିଲା ବୋଲି ପୋଲିସ ପ୍ରକାଶ କରିଛି । ମୋଟର ସାଇକେଲ ଓ ବାଇକ୍ ରୁ ବାହାରୁଥିବା ପୋଡା ମୋବିଲ୍ ସହିତ କିଛି ଶସ୍ତା ମୋବିଲ୍ ଓ କେମିକାଲ୍ ମିଶ୍ରଣ କରି ଏଭଳି ମୋବିଲ ପ୍ରସ୍ତୁତ କରାଯାଉଥିଲା । ଏସବୁ ମୋବିଲି ବିଶେଷ କରି ଦୁଇ ଚକିଆ ଯାନରେ ବ୍ୟବହାର ପାଇଁ ଦୋକାନଗୁଡିକୁ ବିକ୍ରୀ କରାଯାଉଥିଲା । ଏଥିରେ ସମ୍ପୃକ୍ତ କାରଖାନା ମାଲିକ ଓ ଦୋକାନୀ ମାନେ ଲାଭବାନ୍ ହେଉଥିବା ବେଳେ ସାଧାରଣ ଜନତା ଠକେଇର ଶିକାର ହେଉଥିଲେ । ଏଭଳି କାରବାର ୨ ବର୍ଷ ତଳେ ରାଉରକେଲାରେ ଚାଲିଥିବା ନେଇ ପୋଲିସ ସେତେବେଳେ କିଛି ଅପରାଧୀଙ୍କୁ ଧରିଥିଲା । ତା ପରେ ମଧ ଏଭଳି ବେଆଇନ କାରବାର ବନ୍ଦ ହୋଇନଥିଲା । ଫଳରେ ବଜାରରେ ମିଳୁଥିବା ମୋବିଲି ଉପରେ ଲୋକଙ୍କର ଭରସା ତୁଟିବାରେ ଲାଗିଛି ।

# କେଦାର ସାଥୀ ତରଫରୁ ଶହୀଦ ଦିବସ ପାଳିତ : କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର

ଧର୍ମଶାଳା,୨୪/୩ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ କେଦାର ସାଥୀ ପକ୍ଷରୁ ଭାରତ ବର୍ଷର ବିଶିଷ୍ଟ କ୍ରାନ୍ତିକାରୀ ତଥା ଯୁବ ସମାଜର ପ୍ରତୀକ ଶହୀଦ ଭଗତ ସିଂଙ୍କ ୯୪ ତମ ବଳିଦାନ ଦିବସ ପାଳିତ ହୋଇଯାଇଛି । କେଦାର ସାଥୀ ଆବାହକ ନିମାଇଁ ଚରଣ ରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ସରୋଜିନୀ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକ ଡ. ଭାଗ୍ୟଧର ସାହୁ ଓ ସମ୍ମାନୀତ ଅତିଥିଭାବେ ଅଶୋକ କୁମାର ସମାଲ ଯୋଗ ଦେଇ ଦେଶ ପାଇଁ ବଳିଦାନ ଦେଇଥିବା ଭଗତ ସିଂ ଓ ସଂଗ୍ରାମୀ କେଦାର ରାୟଙ୍କ ଜୀବନୀ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଅନ୍ୟ ଅତିଥିଭାବେ ସର୍ବୋଦୟ କର୍ମୀ ରମାକାନ୍ତ ମଣ୍ଡଳ,ନାରାୟଣ ସାମନ୍ତରାୟ ମହାପାତ୍ର,ବରିଷ୍ଠ ନାଗରିକ ନିମାଇଁ ଚରଣ ଦାସ ଓ ଶ୍ରମିକ ନେତା ପ୍ରଦୀପ ଦାସ ପ୍ରମୁଖ ଯୋଗ ଦେଇ ଦେଶପ୍ରେମ ଜାଗ୍ରତ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ । ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ମଧ୍ୟରେ 'ମା' ଟିଏ ଭବ କିପରି' ଶୀର୍ଷକ ବକ୍ତୃତା ଓ କୁଇଜ୍ ପ୍ରତିଯୋଗୀତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନ ପକ୍ଷରୁ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବରୀ ଅଂଚଳର ସଂଗ୍ରାମୀ ନାରୀ ଭାରତୀ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷାକେନ୍ଦ୍ରର ଗୁରୁମା ଗୁରୁଜୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିବା ବେଳେ ଶେଷରେ ଶ୍ରୀବଲ୍ଲଭ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଘର ହିଁ ବିଦ୍ୟାଳୟ ପ୍ରକଳ୍ପ

ଜୟପୁର,୨୪/୩ (ନି.ପ୍ର): ଜୟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶାରଦା ବିହାର ଜୟପୁର ଠାରେ ଆଜି ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇସାରିଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଅରବିନ୍ଦ ନଗର ପରିଚାଳନା ସମିତି ର କକ୍ଷାଧକ୍ଷ ମାନନୀୟ ମିହିର ମିଶ୍ର ଉପସ୍ଥିତ ରହିବା ସହ ସ୍ଥାନୀୟ ବିଦ୍ୟାଳୟ ପରିଚାଳନା ସମିତି ର ଯୁଗ୍ମ ସମ୍ପାଦକ ମାନନୀୟ ଶ୍ରୀ ତପନ କିରଣ ତ୍ରିପାଠୀ, ସଦସ୍ୟା ମାନନୀୟା ସୁସ୍ମିତା ଦାସ ଏବଂ ସହ ପ୍ରଧାନ ଆଚାର୍ଯ୍ୟ ମାନନୀୟ ଦିଲୀପ କୁମାର ଶତପଥୀ ଉପସ୍ଥିତ ରହି କାର୍ଯ୍ୟକ୍ରମଟି କୁ ଆଗେଇନେବାରେ ପୂର୍ଣ୍ଣ ସହଯୋଗ କରିଥିଲେ । ଶିଶୁର ସୁସ୍ଥ ଶରୀର ଗଠନ ଦିଗରେ ତାହାର କିଭଳି ଯତ୍ନ ନେବା ଦରକାର , ତାହାର ଖାଦ୍ୟ ତଥା ସମସ୍ତ ଦିଗରେ କିଭଳି ଦୃଷ୍ଟି ଦେବା ଆବଶ୍ୟକ ସେ ସମ୍ପର୍କରେ ମୁଖ୍ୟ ଅତିଥି ମହାଶୟ ଉପସ୍ଥାପନ କରିବା ସହ ଚଂଚଳ ମନକୁ କିଭଳି ଶିଶୁର ଏକାଗ୍ର ଚିତ କରିହେବ ଏବଂ ସୁସ୍ଥ ରହିବା ପାଇଁ କିଭଳି ଖେଳ ଖେଳିବା ଉଚିତ ସେ ସମ୍ପର୍କରେ ଶିଶୁ ସହ ଉଭୟ ପିତାମାତାଙ୍କୁ ପ୍ରାୟୋଗିକ କାଳାଂଶ ମାଧ୍ୟମରେ ଶିଶୁ ବାଟିକା ବିଭାଗର ଗୁରୁମାମାନେ ଧାରଣା ଦେଇଥିଲେ । ପରିଶେଷରେ ଶାନ୍ତିପାଠ କରି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିସମାପ୍ତି କରାଯାଇଥିଲା । କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିବା ଦିଗରେ ସମସ୍ତ ଗୁରୁଜୀ ଗୁରୁମାନେ ତଥା ସେବକ ସେବିକା ପୂର୍ଣ୍ଣ ସହଯୋଗ କରିଥିଲେ।

ମଙ୍ଗଳବାର, ମାର୍ଚ୍ଚ ୨୫, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ପ୍ରଶାନ୍ତି ଶିଶୁ ବିହାରର ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାସୁଦେବପୁର, ୨୪/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବେତଡ଼ା ପ୍ରଶାନ୍ତି ଶିଶୁ ବିହାରର ପଚିଶ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଶିଶୁ ବିହାରର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଶାନ୍ତ କୁମାର ମଲ୍ଲିକ,ବିଦ୍ୟାଳୟ ସଭାପତି ସଂଜୀବ କୁମାର ପାଣିଗ୍ରାହୀ, ସହ ସମ୍ପାଦିକା ଅନିତା ପଣ୍ଡା। ସମସ୍ତ ଅତିଥି ଛାତ୍ର ଛାତ୍ରୀ ମାନଙ୍କୁ ଖୁବ୍ ସୁନ୍ଦର ପରାମର୍ଶ ଦେଇଥିଲେ ଓ ମନଛୁଆଁ ବକ୍ତବ୍ୟ ପ୍ରଦାନ କରିଥିଲେ। ଗୁରୁଜୀ ବିଦ୍ୟାଧର ନାୟକ ବେଦ ପାଠ କରିଥିଲେ। ଗୁରୁଜୀ ବିଜନ କୁମାର ମହାପାତ୍ର ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଦୈତାରୀ ବେହେରା ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟତ୍ରୀ ଫେନିଳା ପରିଡା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ



କରାଯାଇଥିଲା। ଗୁରୁଜୀ ନିରାକାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ କର୍ମଶାଳା- ୨୦୨୫ ଆୟୋଜିତ

ବାଲେଶ୍ୱର, ୨୪/୩ (ନି.ପ୍ର): ସୂଚନା ଅଧିକାର ଆଇନ୍-୨୦୦୫ ଅଧିନିୟମ ୪ (୧) (ଖ) ପୂର୍ଣ୍ଣାଙ୍ଗ କାର୍ଯ୍ୟାନ୍ୱୟନ ଉଦ୍ଦେଶ୍ୟରେ ଆଜି ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଅଡିଟୋରିୟମ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଷୟ ବିଶାରଦ ଶ୍ରୀ ରଶ୍ମିରଞ୍ଜନ ରାଉତ ଯୋଗ ଦେଇ (ଡିସ୍କ୍ଲୋଜରର ଅପଡେସନ୍) ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ସ୍ୱତପ୍ରବୃତ୍ତ ସୂଚନା ପ୍ରକାଶନ ଉପରେ ପ୍ରଶିକ୍ଷଣ ପ୍ରଦାନ କରିବା ସହ ସୂଚନା ଅଧିକାର ଆଇନ୍‌ରେ ଦରଖାସ୍ତ ଗ୍ରହଣ, ଉତ୍ତର ପ୍ରଦାନ, ଅନ୍‌ଲାଇନ୍‌ରେ ସମସ୍ତ ପ୍ରକ୍ରିୟା ସମ୍ପାଦନ କୌଶଳ, ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟ ଖୋଲାଯିବା ଆଦି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ପ୍ରଶ୍ନୋତ୍ତର ଅଧିବେସନରେ ଉପସ୍ଥିତ ଅଧିକାରୀମାନେ ସୂଚନା ଅଧିକାର ଆଇନ୍‌ରେ ଆବେଦନ ଗ୍ରହଣ, ଉତ୍ତର ପ୍ରଦାନ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ବନ୍ଧରେ ପ୍ରଶ୍ନ ପଚାରି ନିଜ ନିଜର ସନ୍ଦେହ ମୋଚନ କରିଥିଲେ । ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ ବିଭାଗ କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷ, ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସିଏସପି ପ୍ଲସ ବ୍ୟାଙ୍କିଂ ଆଉଟଲେଟ ପାଇଁ ୨୩୯ କୋଟି ବ୍ୟୟ

ଭୁବନେଶ୍ୱର, ୨୪/୩ (ନି.ପ୍ର): ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୭୪୨ଟି ସିଏସପି ପ୍ଲସ ବ୍ୟାଙ୍କିଂ ଆଉଟଲେଟ କାର୍ଯ୍ୟ କରୁଛି । ଏ ବାବଦରେ ୨୩୯ କୋଟି ଟଙ୍କାର ବ୍ୟୟ ହୋଇଥିବା ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦର୍ଶାଇଛନ୍ତି ଯେ ୨୦୨୩ ଜୁଲାଇ ମାସରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ମନ୍ତ୍ରୀମଣ୍ଡଳୀର ୬୩ତମ ବୈଠକରେ ରାଜ୍ୟ ସରକାର ସମସ୍ତ ବ୍ୟାଙ୍କ ବିହୀନ ପଂଚାୟତରେ ସିଏସପି ପ୍ଲସ ବ୍ୟାଙ୍କିଂ ଆଉଟଲେଟ ମାଧ୍ୟରେ ବ୍ୟାଙ୍କ ସେବା ଯୋଗାଇ ଦେବାକୁ ନିଷ୍ପତି ନେଇଥିଲେ ।

# ଇଫ୍‌କୋ ପାରାଦୀପ ପକ୍ଷରୁ ଏସ୍ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲର ମେଡିସିନ୍ ୱାର୍ଡକୁ ହ୍ୱିଲ୍‌ଚେୟାର ପ୍ରଦାନ

ପାରାଦୀପ, ୨୪/୩ : ଇଫକୋ ପାରାଦୀପ ୟୁନିଟ ପକ୍ଷରୁ କଟକର ଏସ୍ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲର ମେଡିସିନ୍ ୱାର୍ଡରେ ରୋଗୀଙ୍କ ପାଇଁ ହ୍ୱିଲ୍‌ଚେୟାର ପ୍ରଦାନ କରାଯାଇଛି ।ରୋଗୀଙ୍କ ସେବାରେ ଉନ୍ନତି ଆଣିବା ସହ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲକ୍ଷ୍ୟ ରେ ପାରାଦୀପ ଇଫକୋ ୟୁନିଟ ପକ୍ଷରୁ ଏହି ପଦକ୍ଷେପର ନିଆଯାଇଛି । ସାଧାରଣ ଲୋକଙ୍କ ଉନ୍ନତି ପାଇଁ ଇଫକ୍କୋ ପାରାଦୀପର ୟୁନିଟ ସବୁବେଳେ ସେବା ଯୋଗାଇ ଦେଇ ଆସୁଥିବା ବେଳେ ଏକ ଅଂଶ ଭାବରେ ଏହି ପ୍ରଦାନ କରାଯାଇଥିଲା, ଯାହା ଚିକିତ୍ସା ଭିତ୍ତିଭୂମିକୁ ସମର୍ଥନ କରିବା ଏବଂ ଆବଶ୍ୟକ ରୋଗୀଙ୍କୁ ସହାୟତା କରିବା ଉପରେ ଧ୍ୟାନ ଦେଇଥାଏ। ଇଫକୋ ପାରାଦୀପ ଦ୍ୱାରା ଏସ୍ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲର ମେଡିସିନ୍ ୱାର୍ଡକୁ ହ୍ୱିଲ୍‌ଚେୟାର ପ୍ରଦାନ




ରୋଗୀ କଲ୍ୟାଣ ବୃଦ୍ଧି କରିବା ଦିଗରେ ଏକ ପ୍ରଶଂସନୀୟ ପଦକ୍ଷେପ। ଏହା ସ୍ୱାସ୍ଥ୍ୟସେବାର ବିକାଶରେ କର୍ପୋରେଟ୍ ସମ୍ପୃକ୍ତିର ଗୁରୁତ୍ୱକୁ ଗୁରୁତ୍ୱ ଦେବା ସହିତ ସୁନିଶ୍ଚିତ କରେ ଯେ ଅତ୍ୟାବଶ୍ୟକ ଚିକିତ୍ସା ସହାୟତା ସବୁଠାରୁ ଅଧିକ ଆବଶ୍ୟକ କରୁଥିବା ଲୋକଙ୍କ ପାଖରେ ପହଞ୍ଚିବ। ଓଡ଼ିଶାର ପ୍ରମୁଖ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ମଧ୍ୟରୁ ଏସ୍ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲ ପ୍ରତିଦିନ ହଜାର ହଜାର ରୋଗୀଙ୍କୁ ସେବା ଯୋଗାଇଥାଏ। ସେମାନଙ୍କ ମଧ୍ୟରୁ ଅନେକ, ବିଶେଷକରି ମେଡିସିନ୍ ୱାର୍ଡରେ, ଅସୁସ୍ଥତା, ଆଘାତ କିମ୍ବା ବୟସ-ସମ୍ବନ୍ଧୀୟ ରୋଗ ଯୋଗୁଁ ଗତିବିଧି ସହିତ ସଂଘର୍ଷ କରିଥାନ୍ତି। ପାରାଦୀପ ଇଫକୋ ୟୁନିଟ ର ମୁଖ୍ୟ ପି. କେ. ମହାପାତ୍ରଙ୍କ ସହିତ ହସ୍ପିଟାଲ୍ କର୍ମଚାରୀ, ପ୍ରଫେସର ଲୁସି ଦାସ, ସୁପରିଣ୍ଟେଣ୍ଡେଣ୍ଟ, ଏସସିବି ମେଡିକାଲ୍ କଲେଜ ଏବଂ ହସ୍ପିଟାଲ୍, କଟକ, ପ୍ରଫେସର ଅଶୋକ କୁମାର ମଲ୍ଲିକ, ଏସସିବି ମେଡିକାଲ୍ କଲେଜ ଏବଂ ହସ୍ପିଟାଲ୍, କଟକର ନ୍ୟୁରୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଜୟନ୍ତ ପଣ୍ଡା, ପ୍ରଫେସର ମେଡିସିନ୍, ଏସସିବି ମେଡିକାଲ୍ କଲେଜ ଏବଂ ହସ୍ପିଟାଲ୍ ଏବଂ ଅଧ୍ୟକ୍ଷ ଆଇଏମଏ ଓଡିଶା, ପ୍ରସନ୍ନ କୁମାର ବେଉରା, ଜନସମ୍ପର୍କ ଅଧିକାରୀ, ଇଫକୋ ପାରାଦୀପ, ସିଙ୍ଗର ହ୍ୟୁମାନ ସାଗର ଓ ବିଶ୍ୱରଞ୍ଜନ ସାହୁ ପ୍ରମୁଖ ବଣ୍ଟନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ, ଏବଂ ତୁରନ୍ତ ଏଭଳି ସହାୟତା ଆବଶ୍ୟକ କରୁଥିବା ଲୋକଙ୍କ ପାଖରେ ହ୍ୱିଲଚେୟାର ପହଞ୍ଚାଇବା ପାଇଁ କହିଥିଲେ।

# ଦିଲ୍ଲୀରେ ଚମକିଲେ ଓଡ଼ିଆ ଖୋ ଖୋ ଖେଳାଳି: ଟିମର ଉନ୍ନତ ପ୍ରଦର୍ଶନ ପାଇଁ କୋଚ୍‌ଙ୍କୁ ପ୍ରଶଂସାର ସୁଅ

ନୀଳଗିରି , ୨୪/୩ (ନି.ପ୍ର): ରାଜ୍ୟ ସଚିବାଳୟ କର୍ମଚାରୀ କ୍ରୀଡାସଂଘ ଓ ରାଜ୍ୟ ଏକାଡେମୀ ତରଫରୁ ଉଭୟ ପୁରୁଷ ଓ ମହିଳା ଓଡିଶା ସିଭିଲସର୍ଭିସ ଖୋଖୋ ଟିମ ଗତ ୧୮ତାରିଖ ଦିଲ୍ଲୀର ଚାଣକ୍ୟପୁରି ସ୍ପୋର୍ଟସ କମ୍ପ୍ଲେକ୍ସରେ ଅନୁଷ୍ଠିତ ସର୍ବ ଭାରତୀୟ ଖୋଖୋ ପ୍ରତିଯୋଗିତା ୨୦୨୫ରେ ଅଂଶଗ୍ରହଣ କରିଥିଲେ ।ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ନରଣପୁର ପଞ୍ଚାୟତ ବୈଷ୍ଣବବନ୍ଧ ସରକାରୀ ଜନଜାତି ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ରଜମୋହନ ମାଝୀ ଉଭୟ ପରିଚାଳକ ଏବଂ ପ୍ରଶିକ୍ଷକ ଭାବେ ମନୋନୀତ ହୋଇ ତାଙ୍କ ଅଧୀନରେ ଓଡ଼ିଶାର ଉଭୟ ଟିମ




ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲା। ଉଭୟବର୍ଗ ପ୍ରତିଯୋଗିତାରେ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ପୁରୁଷବର୍ଗ ଲିଗ୍ ମ୍ୟାଚରେ ଉତ୍ତମ ପ୍ରଦର୍ଶନ କରି କ୍ୱାଟରଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟକୁ ଯାଇପାରିନଥିଲା। ମାତ୍ର ମହିଳାଦଳ ସେମିଫାଇନାଲରେ ପହଞ୍ଚିଥିଲେ ମଧ୍ୟ ଫାଇନାଲ ଖେଳିବାକୁ ବଞ୍ଚିତ ହୋଇ ତୃତୀୟସ୍ଥାନ ଅଧିକାର କରିଥିଲା। ପ୍ରଥମକରି ମହିଳାଦଳ ଟୁର୍ଣ୍ଣାମେଣ୍ଟରେ ଭାଗନେଇ ଏଭଳି ଉନ୍ନତ ପ୍ରଦର୍ଶନ କରିଥିବାରୁ ରାଜ୍ୟର କୋଣଅନୁକୋଣରୁ କୋଚ ଶ୍ରୀଯୁକ୍ତ ମାଝୀଙ୍କୁ ପ୍ରଶଂସାର ସୁଅ ଛୁଟିଛି। ଶ୍ରୀଯୁକ୍ତ ମାଝୀ ଜଣେ ଛାତ୍ରବତ୍ସଳ ଶିକ୍ଷକ ସହିତ ଉତ୍ତମ କ୍ରୀଡା ପ୍ରଶିକ୍ଷକ ଭାବରେ ଓଡ଼ିଶାରେ ବେଶ୍ ଜଣାଶୁଣା।

# ଓଡ଼ିଶା ଦିବସ ପାଳନ ଉପଲକ୍ଷେ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ

ଭଦ୍ରକ, ୨୪/୩ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଭଦ୍ରକ ଜିଲ୍ଲା ସ୍ତରୀୟ ୯୦ତମ ଓଡ଼ିଶା ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ହୋଇଯାଇଥିବା ପ୍ରସ୍ତୁତି ବୈଠକରେ ସ୍ଥିରିକୃତ ମାର୍ଗଦର୍ଶିକା ଅନୁଯାୟୀ ମଧ୍ୟ ଇଂରାଜୀ ଓ ହାଇସ୍କୁଲ ସ୍ତରରେ ଓଡ଼ିଆ ଭାଷାରେ ଓଡ଼ିଶା ସମ୍ବନ୍ଧୀୟ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତା ସାଲନ୍ଦୀ ହସ୍ପିଟାଲର ପୃଷ୍ଠପୋଷକତାରେ ଅନୁଷ୍ଠିତ ହୋଇଥିଲା। ହସ୍ପିଟାଲର ସତ୍ତ୍ୱାଧିକାରୀ ଡା. ପ୍ରଭାସ ଚନ୍ଦ୍ର ମହାନ୍ତି ସଂସ୍କୃତି ଭବନରେ ଆୟୋଜିତ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ସଙ୍ଗୀତ ଗୁରୁ ରାମନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ବିଭୂତି ଭୂଷଣ ପଣ୍ଡା, ରମାକାନ୍ତ ଜେନା, ପ୍ରକାଶ ଚନ୍ଦ୍ର ମହାପାତ୍ର, ରମେଶ ଚନ୍ଦ୍ର ରାୟ, ସୀତାକାନ୍ତ ଦାସ ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଜୁନିୟର ଗ୍ରୁପ୍‌ରେ ଏସ୍.ବି.ଡି. ସ୍କୁଲର ସ୍ୱାଭିମାନ ପଣ୍ଡା ୧ମ, ଓଜୋସ୍ମିତା ମହାପାତ୍ର ଦ୍ୱିତୀୟ, ଜ୍ୟୋତି କନଭେଣ୍ଟ ସ୍କୁଲର ସମୀକ୍ଷା ନାୟକ ତୃତୀୟ, ସିନିୟର ଗ୍ରୁପ୍‌ରେ ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁ ମନ୍ଦିରର ହିମାଦ୍ରି ତନୟା ପଣ୍ଡା ୧ମ, ସନସାଇନ୍ ମିଶନ୍ ସ୍କୁଲର ଅନୁଭବ ପାଣି ୨ୟ ଓ ଡି.ଏ.ଭି. ଏସ୍.ଡି.ପି.ଏସ୍ ସ୍କୁଲର ସ୍ମୃତି ସୌଜନ୍ୟା ପୁହାଣ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ମଦ କାରଖାନା ଉପରେ ଅବକାରୀ ବିଭାଗର ଚଢ଼ାଉ

ବେତନଟୀ, ୨୪/୩ (ନି.ପ୍ର): ବେତନଟୀ ଅବକାରୀଥାନା ପକ୍ଷରୁ ଆଜି ବଡସାହି ଥାନା ଅଧୀନ ଯୋଗୀନୂଆଗାଁ ପଞ୍ଚାୟତର ଡିଙ୍ଗିରା ଗ୍ରାମର ଜଙ୍ଗଲିଆ ଅଞ୍ଚଳରେ ଚାଲିଥିବା ଚୋରା ଦେଶମଦ କାରଖାନା ଉପରେ ଚଢାଉ କରାଯାଇ ବିପୁଳ ପରିମାଣର ମହୁଲପୋଚ, ରନ୍ଧାମଦ ଜବତ ପୂର୍ବକ ନଷ୍ଟ କରିଦିଆଯାଇଛି । ଡିଙ୍ଗିରି ଅଞ୍ଚଳ ରେ ଚୋରାମଦ କାରଖାନା ଚାଲିଥିବାର ଖବରପାଇ ବେତନଟି ଅବକାରୀବିଭାଗ ଚଢାଉ କରିଥିଲେ । ଅବକାରୀ ବିଭାଗର ଚଢାଉ ସମୟରେ ଚୋରାମଦ କାରଖାନା ଚଳାଉଥିବା ମଦମାଫିଆମାନେ ଘଟଣାସ୍ଥଳରୁ ମାରିଥିଲେ । ଘଟଣାସ୍ଥଳରୁ ୧୭ଶହ ୫୦କେଜି ମହୁଲପୋର୍ଟ, ଚୋରାଚାଲାଣ ନିମନ୍ତେ ପ୍ରସ୍ତୁତକରି ରଖାଯାଇଥିବା ୭୦ଲିଟର ରକ୍ଷାମଦ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଗୁଡିକୁ ଭାଙ୍ଗିରୁଜି ନଷ୍ଟ କରିଦିଆ ଯାଇଥିଲା । ଏନେଇ ବେତନଟୀ ଅବକାରୀ ଥାନା ପକ୍ଷରୁ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖାଯାଇଛି ।

# ଜଳଛତ୍ର ଉଦ୍‌ଘାଟିତ




ପାରାଦୀପ, ୨୪/୩ (ନି.ପ୍ର): ଭୀଷଣ ଗ୍ରୀଷ୍ମ ପ୍ରବାହ କୁ ଆଖି ଆଗରେ ରଖି ହୋଟେଲ ଏମ୍ପାୟାର ପକ୍ଷରୁ ଏକ ଜଳଛତ୍ର କେନ୍ଦ୍ର ର ଉଦଘାଟନ କରାଯାଇଛି ।ଗ୍ରୀଷ୍ମ ଋତୁ ଏବଂ ଗରମ ପ୍ରବାହ ସମୟରେ ଜନସାଧାରଣଙ୍କୁ ଏହା ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ପାରିବ ।ପ୍ରଚଣ୍ଡ ପାଗ ପରିସ୍ଥିତିରେ ଅତ୍ୟାବଶ୍ୟକ ସେବାର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ କମ୍ପାନୀର ସିଏସଆର ପଦକ୍ଷେପର ଏକ ଅଂଶ ଭାବରେ ପାରାଦୀପର ଏମ୍ପାୟର୍ସର ଜେନେରାଲ ମ୍ୟାନେଜର ସନ୍ତୋଷ ମିଶ୍ର ଉକ୍ତ କେନ୍ଦ୍ରକୁ ଉଦଘାଟନ କରିଛନ୍ତି। ପ୍ରତିବର୍ଷ ଏହି ସେବା ପାରାଦୀପ ଜନସାଧାରଣ ଉପ ଭୋଗ କରି ଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ ଏହା ଆୟୋଜନ କରାଯାଇଛି। ଏହି ପଦକ୍ଷେପ ସାମାଜିକ କଲ୍ୟାଣ ଏବଂ ଦାୟିତ୍ୱ ପ୍ରତି ଏମ୍ପାୟର୍ସ, ପାରାଦୀପର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହି ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ଗରମ ସମୟରେ ଛାତ୍ର ଏବଂ ଜନସାଧାରଣଙ୍କ ପାଇଁ ଜଳାଭାବର ଏକ ନିର୍ଭରଯୋଗ୍ୟ ଉତ୍ସ ଭାବେ ପ୍ରତିଦିନ କାର୍ଯ୍ୟକ୍ଷମ କରିବ ବୋଲି ଜଣାପଡିଛି।

## ୧୦ବର୍ଷରେ ରାଜ୍ୟରେ ୩୬୨୩ଟି ଦୁର୍ନୀତି ନିବାରଣ ମାମଲା ରୁଜୁ

ଭୁବନେଶ୍ୱର, ୨୪/୩ (ନି.ପ୍ର): ୨୦୧୪ ମସିହା ଶେଷ ସୁଦ୍ଧା ରାଜ୍ୟରେ ୩୦୩୭ଟି ଦୁର୍ନୀତି ନିବାରଣ ମାମଲା ବିଚାରାଧିନ ରହିଥିଲା । ଏହା ପରଠାରୁ ଚଳିତବର୍ଷ ଫେବୃୟାରୀ ଶେଷ ମଧ୍ୟରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ୩୬୨୩ଟି ମାମଲା ରୁଜୁ କରିଛି । ଦୁର୍ନୀତି ନିବାରଣ ମାମଲା ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୧୪ ମସିହାରୁ ଏଯାବତ ୨୩୫୩ଟି ମାମଲାର ଫଏସଲା ହୋଇଛି । ଏଥି ମଧ୍ୟରୁ ୯୩୯ଟି ମାମଲାରେ ଦଣ୍ଡବିଧାନ ହୋଇଥିବାବେଳେ ୧୦୫୩ଟି ମାମଲାରେ ଅଭିଯୁକ୍ତମାନେ ଦୋଷମୁକ୍ତ ହୋଇଛନ୍ତି ।

# ଜିଲ୍ଲାସ୍ତରୀୟ ବିଶ୍ୱ ଖାଉଟି ଅଧିକାର ଦିବସ - ୨୦୨୫ ପାଳିତ

ବାରିପଦା, ୨୪/୩ (ନି.ପ୍ର): ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜିଲ୍ଲା ଉପନିୟନ୍ତ୍ରକ ବୈଧ ମାପ ବିଜ୍ଞାନ ବାରିପଦା ଓ ସଂକଳ୍ପ, କୁଳିଅଣା ଅନୁକୂଲ୍ୟରେ ସରକାରୀ ମହିଳା ମହାବିଦ୍ୟାଳୟ, ବାରିପଦା ସମ୍ମିଳନୀ କକ୍ଷ ରେ ଜିଲ୍ଲା ସ୍ତରୀୟ ବିଶ୍ୱ ଖାଉଟି ଅଧିକାର ଦିବସ ୨୦୨୫ ପାଳିତ ହୋଇଯାଇଛି । ସଂକଳ୍ପ ର ସମ୍ପାଦକ ପ୍ରଦୀପ କୁମାର ଦାସମହାପାତ୍ର ମଂଚାସୀନ ସମସ୍ତ ଅତିଥି,ସାଧନ ବ୍ୟକ୍ତି ମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ମୁଖ୍ୟ ଅତିଥି ପୂର୍ବତନ ଡି ସି ଡ଼ି ଆର ଏଫ ର ସଭାପତି ନରେନ୍ଦ୍ର କୁମାର ପ୍ରଧାନ ଯୋଗ ଦେଇ ଅନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଦିବସ କୁ ଶୁଭ ଉଦଘାଟନ କରିଥିଲେ। ଏ ସି ଏଲ ଏମ, ବାରିପଦା ର ରାଜକିଶୋର ମଲ୍ଲିକ ବିଶ୍ୱ ଖାଉଟି ଅଧିକାର ଦିବସ




ପାଳନ ର ସମ୍ପର୍କ ରେ ସୂଚନା ପ୍ରଦାନ କରିଥିବା ବେଳେ ସ୍ୱର୍ଦା ର ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ ମଞ୍ଚ ପରିଚାଳନା କରି ଥଲେ. । ମୁଖ୍ୟ ବକ୍ତା ଭାବେ ସରକାରୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ସଂଗୀତା ସିଂହ, ଡ଼ି ସି ଡ଼ି ଆର ସି ର ମେମ୍ବର ଜୀବନକୃଷ୍ଣ ବେହେରା, ଅତିରିକ୍ତ ଖାଦ୍ୟ ଯୋଗାଣ ଅଧିକାରୀ, ବାରିପଦାର ଦୀପକ ମାଝୀ, ସମାଜ ସେବୀ କବି ବିଷ୍ଣୁ ଶତପଥୀ,ମହିଳା ମହାବିଦ୍ୟାଳୟ ଅର୍ଥଶାସ୍ତ୍ର ଆସିଷ୍ଟାଣ୍ଟ ପ୍ରଫେସର ଚନ୍ଦ୍ରକାନ୍ତ ଦାସ, ଜ୍ଞାନଦୀପ କଲେଜ ର ଅଧକ୍ଷ ଅଶୋକ କୁମାର ସାହୁ, ସଂକଳ୍ପ ର ସଭାପତି ଆମୋଦ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଖାଉଟି ସୁରକ୍ଷା ସଚେତନତା ବାର୍ତ୍ତା, ଖାଉଟି ର ଭୂମିକା ଓ ଅଧିକାର, ଅନ ଲାଇନ କ୍ରୟ, ଖାଉଟି ବିବାଦର ପ୍ରତିକାର ବ୍ୟବସ୍ଥା, ଅବସ୍ଥାନ୍ତର ଓ ସାମଗ୍ରିକ ଲାଇଫଷ୍ଟାଇଲ ସମ୍ବଧୀୟ ଉପାଦେୟ ସୂଚନା ପ୍ରଦାନ କାଟିଥିଲେ । ମହିଳା କଲେଜ ର ଷ୍ଟାଫ, ଛାତ୍ରୀ ମାନେ ଓ ସ୍ୱେଚ୍ଛାସେବୀ ସଂଗଠନ କର୍ମ କର୍ତ୍ତା ସକ୍ରିୟ ଭାବେ କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ରେ ଖାଉଟି ସୁରକ୍ଷା ଓ ସଚେତନତା ର ବାର୍ତ୍ତା ପାଇଁ ବ୍ଲକ ସ୍ତରୀୟ କର୍ମଶାଳା ଆୟୋଜନ ନିମନ୍ତେ ପ୍ରଚେଷ୍ଟା ଜାରି ରଖିବାକୁ ସଂକଳ୍ପ ର ସମ୍ପାଦକ ସୂଚନା ଦେଇଥିଲେ । ମହିଳା ମହାବିଦ୍ୟାଳୟ ର ଜାତୀୟ ସେବା ସଂସ୍ଥା ର ପ୍ରକଳ୍ପ ଯଂଯୋଜକ ଝରଣା ମାଝୀ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଫୋର୍ଡ଼ ର ସନ୍ତୋଷ କୁମାର ଖଣ୍ଡା, ସଂକଳ୍ପ ର. ପୁଷ୍ପଲତା ନାଏକ, ଜିତେନ୍ଦ୍ର ନାଏକ କାର୍ଯ୍ୟକ୍ରମ କୁ ଆୟୋଜନ ରେ ସହଯୋଗ କରିଥିଲେ ।

# ନରସିଂହପୁର ମଧ୍ୟୋଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାସୁଦେବପୁର, ୨୪/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ମଧ୍ୟୋଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ପୂର୍ବତନ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ବେହେରା ସଭାପତିତ୍ୱ କରିଥିଲେ। ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଆଇ ଟି ଆର ଚାନ୍ଦିପୁର



ଅତିରିକ୍ତ ନିର୍ଦ୍ଦେଶକ ନୀଳାଦ୍ରି ରାୟ, କୋରାପୁଟ ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ପ୍ରଶାନ୍ତ କୁମାର ମହାନ୍ତି, ନରସିଂହପୁର ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ସମିତି ସଭ୍ୟା ଅନିତା ଲେଙ୍କା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଶାନ୍ତ କୁମାର ମଳିକ, ଭାଗୀରଥି ମହାପାତ୍ର, ଦୈତାରୀ ମହାରଣା, ଶିକ୍ଷାବିତ୍ ଗୟାଧର ମହାପାତ୍ର,ପରିଚାଳନା କମିଟି ସଭାପତି ଅଜୟ କୁମାର ପଣ୍ଡା, ଆଲୁମୁନି ସଭାପତି ହରେକୃଷ୍ଣ ସାହୁ, ମୋସ୍କୁଲର ସଭାପତି ଉପେନ୍ଦ୍ର ପରିଡା। ଏହି ଅବସରରେ ପ୍ରାଚୀର ପତ୍ରିକା ସୃଜନୀ ଉନ୍ମୋଚିତ ହୋଇଥିଲା। ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା ପଣ୍ଡା ଙ୍କ ରଚିତ ପୁସ୍ତକ ଆମେ ସବୁ ଶିଶୁ ଫୁଲ ପରି ହସୁ ଅତିଥି ଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ ଦୈତାରୀ ବେହେରା। ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷକ ଦୟାନିଧି ପଲେଇ। ବେଦ ପାଠ କରିଥିଲେ ଶିକ୍ଷୟତ୍ରୀ ମିନତୀ ପଣ୍ଡା। ଏହି ଉତ୍ସବରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷୟତ୍ରୀ ଆରତୀ ଧର। ଏହି ଉତ୍ସବରେ ସହଯୋଗ କରିଥିଲେ ଶିକ୍ଷୟତ୍ରୀ ଆରତୀ ଲତା ନାୟକ, ସସ୍ମିତା ବାରିକ, ଭାନୁମତୀ ଶଙ୍ଖୁଆ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇ ଥିଲା।

# ଆଢୁଆଳରେ ଆଧାର ବେପାର: ପଞ୍ଜିକରଣ ଓ ଅପଡେଟ ଫିସ୍ ୨୦୦ରୁ ୩୦୦

ବାଲିଆପାଳ , ୨୪/୩ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ସରକାର ବଦଳିଲା, ନୂଆ ନୂଆ ଯୋଜନା ଆସିଲା ମାତ୍ର ଲୋକଙ୍କ ଦୁଃଖ ଦୁର୍ଦ୍ଦଶା କମିବା ଥୟ ଧରୁନି । ଜନତାଙ୍କୁ ସ୍ୱାବଲମ୍ବୀ କରିବା ପରିବର୍ତ୍ତେ ଅର୍ଥ ବାଣ୍ଟିବା ଉପରେ ଅଧିକ ଯୋଜନା କାର୍ଯ୍ୟକାରୀ ହେଉଛି ଆଉ ଏହି ଯୋଜନା ରେ ସାମିଲ ପାଇଁ ଆଧାର ରେ ମୋବାଇଲ ସଂଯୋଗ ନିହାତି ଜରୁରୀ ହୋଇପଡିଛି । ଅନ୍ୟ ପଟେ ଆଧାର କାର୍ଡ ଏକ ଅତ୍ୟାବଶ୍ୟକ ଜରୁରୀ ଦସ୍ତାବିଜ ଜାଣି ସୁଦ୍ଧା ଏହାର ପଞ୍ଜିକରଣ ଓ ସଂଶୋଧନ ପାଇଁ ସରକାର ଆଜି ପର୍ଯ୍ୟନ୍ତ ସୁବ୍ୟବସ୍ଥା କରିପାରିଲେ ନାହିଁ । ତେଣୁ ଏହାର ଫାଇଦା ନେଉଛନ୍ତି କିଛି ସେବାକେନ୍ଦ୍ର ଅଧିକାରୀକ୍ ନିଜ ସେବାକେନ୍ଦ୍ର ରେ ଆଧାର କାର୍ଯ୍ୟ କରିବା ଆଇନତଃ ଅପରାଧ ଜାଣି ସୁଦ୍ଧା ଏମାନେ ଆଇନ କୁ ଭୃକ୍ଷେପ କରି ସରକାରୀ ଅଫିସ ରେ କାର୍ଯ୍ୟ କରୁଥିବା ଆଧାର ଅପରେଟରଙ୍କୁ ହାତ କରାଇ ଖୁଲମ ଖୁଲା ଚଳାଇଛନ୍ତି ଆଧାର କାର୍ଯ୍ୟ । ଆଉ ଅନ୍ୟ ପଟେ ଏମାନେ ସେବା ନାମରେ ଲୋକଙ୍କୁ ଆର୍ଥିକ ଶୋଷଣ କରିବାକୁ ମଧ୍ୟ ପଛାଉ ନାହାଁନ୍ତି । କିଛି ଶିକ୍ଷିତ ଲୋକେ, ପ୍ରଶାସନ ଓ ରାଜନେତା ସବୁ ଦେଖି ଚୁପ ମଧ୍ୟ ରହୁଛନ୍ତି । ଆଉ ନିଜର କିମ୍ବା ନିଜ ପରିବାର ର ସଦସ୍ୟ ଙ୍କ ଆଧାର ପଞ୍ଜିକରଣ ବା ସଂଶୋଧନ ପାଇଁ ଏମାନେ ସରକାରୀ ନିୟମ ମାଗଣା, ୫୦ ଓ ୧୦୦ ପରିବର୍ତ୍ତେ ୨୦୦ ରୁ ୩୦୦ ଗଣୁଛନ୍ତି । ତେବେ ଏଭଳି ବେନିୟମ କାର୍ଯ୍ୟ ବାଲିଆପାଳ, ଜାମଶୂଳି, ମୁକୁଳିସ, ସାହାଡ଼ା, ଛୟାଳିଆ, କାଳିପଦା ପରି ବିଭିନ୍ନ ଅଞ୍ଚଳ ରେ ଥିବା ସେବାକେନ୍ଦ୍ର ଗୁଡିକ ରେ ଦେଖିବାକୁ ମିଳୁଛି । ଯାହା ଫଳରେ ସାଧାରଣ ଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତିନି ଚାରି ଦିନ ଆଗରୁ ଏଭଳି ଠକାମୀ ର ଶିକାର ହୋଇଥିବା ସିଂଲା ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱର ଗ୍ରାମର ଦିପୁନ ପାଳ ଗଣ ମାଧ୍ୟମ କୁ ଜଣାଇଛନ୍ତି ଯେ ଜାମଶୂଳି ରେ ଥିବା ସେବା କେନ୍ଦ୍ର ର ମାଲିକ ତାଙ୍କ ଠାରୁ ଆଧାରରେ ମୋବାଇଲ ଅପଡେଟ ପାଇଁ ୨୦୦ ଟଙ୍କା ନେବା ସହିତ ତାଙ୍କ ସାତ ବର୍ଷ ଝିଅର ବାୟୋମେଟ୍ରିକ ଅପଡେଟ ପାଇଁ ୨୦୦ ଟଙ୍କା ନେଇଛନ୍ତି । ତ୍ୱେ ଏଭଳି ଠକାମି ଠାରୁ ସାଧାରଣ ଜନତା ବର୍ତ୍ତିବା ପାଇଁ ପ୍ରତି ପଞ୍ଚାୟତ ରେ ସରକାରୀ ଆଧାର କେନ୍ଦ୍ର ପ୍ରଶାସନ ଅଧୀନରେ ଚାଲୁ କରିବାକୁ ବୁଦ୍ଧିଜୀବି ମାନେ ଗଣମାଧ୍ୟମ ଜରିଆରେ ପ୍ରଶାସନ ନିକଟରେ ଦାବୀ ରଖିଛନ୍ତି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida